# TPSODL

## TP SOUTHERN ODISHA DISTRIBUTION LIMITED

(A Tata Power and Odisha Government Joint Venture)






***Learning from Stories***

*କାହାଣୀରୁ ସୁରକ୍ଷା ଶିକ୍ଷା*

# CONTENT




- CEO's Message
- Editorial Page
- Safety Pause
- Learning from Stories
- Safety Poem
- Safety Poster Gallery
- Safety Puzzle
- Safety Sudoku
- Game of Life
- Safety Pledge

# CEO'S MESSAGE

**Sri. Amit Kumar Garg**
**CEO , TPSODL**



## SAFETY first

*I complement the entire team for bringing out this "TPSODL JANHA MAMU" incorporating various incident learning through interesting heart touching stories and safety knowledge enhancement with creative puzzles, sudoku & poem's.*

*It has been well prepared to understand and be updated on safety incident corrective and preventive action aspects , practices through creative presentation.*

*This is going to be helpful to all the employees as well as the society and will make TPSODL a truly global organization in relation to safety excellency and achieve the target of "Mission Zero Harm".*

***"Let's come together to prepare and prevent, don't repair and repent"***

***Jai Surakshya***

***Thank You…….***

# ZERO HARM

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

# Editorial Page

ନମସ୍କାର,

ଟିପିଏସଓଡିଏଲ ସର୍ବଦା ସୁରକ୍ଷାକୁ ସର୍ବ ପ୍ରଥମ ପ୍ରାଧାନ ଦେଇ ଆସୁଛି ଏବଂ ପ୍ରତିଷ୍ଠିତ ଅଭ୍ୟାସ ପ୍ରଣାଳୀ ଏବଂ ବିଗତ ଦିନରେ ଘଟି ଯାଇଥିବା ଦୁର୍ଘଟଣାରୁ ଶିକ୍ଷା ଅନ୍ତର୍ଭୁକ୍ତ କରି ଏହି ଟିପିଏସଓଡିଏଲ ଜହ୍ନ ମାମୁଁ ପୁସ୍ତକଟି ଆମେ ଆପଣମାଙ୍କ ପାଇଁ ଆଣିଦେଇଛୁ | ସମସ୍ତଙ୍କୁ ଭଲ ଭାବରେ ବୁଝିବା ପାଇଁ ଏହା ଚିତ୍ରକଳା ଏବଂ ହାସ୍ୟ କାହାଣୀ ମାଧ୍ୟମରେ ଉପସ୍ଥାପନା ସହିତ ଆଞ୍ଚଳିକ ଭାଷାରେ ଭଲ ଭାବରେ ପ୍ରସ୍ତୁତ ହୋଇ ଅଛି | ଏହା ସାମୁହିକ ଭାବରେ କାର୍ଯ୍ୟ କରିବା ସହିତ ଟିପିଏସଓଡ଼ିଏଲ କୁ ଏକ ପ୍ରକୃତ ବିଶ୍ୱସ୍ତରୀୟ ସଂଗଠନ କରିବା ସହିତ ସମସ୍ତ କର୍ମଚାରୀ ଏବଂ ସମାଜ ପାଇଁ ବହୁ ଉପକାରୀ ହେବ ଏବଂ ଏଥିରୁ ଶିକ୍ଷା ଗ୍ରହଣ କରିବା ପାଇଁ ମଧ୍ୟ ସହାୟକ ହେବ | ଏହା ସହିତ ଆମର ମୁଖ୍ୟ ଲକ୍ଷ୍ୟ "ମିଶନ୍ ଜିରୋ ହାର୍ମ ବା ଶୂନ୍ୟ କ୍ଷତି " ହାସଲ କରିବା ଦିଗରେ ମଧ୍ୟ ମିଳିତ ଭାବରେ ଏହା କାର୍ଯ୍ୟ କରିବ |

ଆମ୍ଭେ ସମ୍ପୂର୍ଣ ଟିପିଏସଓଡ଼ିଏଲ ପରିବାରର ସୁରକ୍ଷା ଉତ୍କର୍ଷ ଯାତ୍ରା ପାଇଁ ଆମର ନିରନ୍ତର ସହଯୋଗ ଏବଂ ମିଳିତ ଉଦ୍ୟୋଗ ପାଇଁ  ସମସ୍ତ କର୍ମଚାରୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଅଛୁ | ଆସନ୍ତୁ ମିଳି ମିଶି ସମସ୍ତେ ଏହି ପୁସ୍ତକରୁ ସୁରକ୍ଷା ବିଷୟରେ କିଛି ଶିକ୍ଷା ନେବା ଏବଂ ସୁରକ୍ଷିତ କାର୍ଯ୍ୟ କରିବା |

ଏହି ପୁସ୍ତକରେ ପ୍ରକାଶିତ ଗପ ଏବଂ ସୂଚନା କୌଣସି ବ୍ୟକ୍ତି ବିଶେଷ , ସ୍ଥାନ, ଧର୍ମ, ଜାତି ଅନୁଷ୍ଠାନକୁ ଆକ୍ଷେପ କରିବାର ଉଦ୍ଦେଶ ନୁହେଁ |  ସମସ୍ତ କାହାଣୀ ଗୁଡିକ  କାଳ୍ପନିକ ଏବଂ ବିଗତ ଦିନରେ ଘଟି ଯାଇଥିବା ଦୁର୍ଘଟଣାଗୁଡିକୁ ଅନୁସରଣ କରି ଆପଣମାନେ ଏଥିରୁ ଉପଯୁକ୍ତ ସୁରକ୍ଷା ଶିକ୍ଷା ଗ୍ରହଣ କରିବେ ଏବଂ କାର୍ଯ୍ୟକ୍ଷେତ୍ରରେ ଏହାକୁ ମନେରଖି ସୁରକ୍ଷିତ କାର୍ଯ୍ୟ କରିବେ |

କାହାଣୀ ଗୁଡିକ ପଢି  ଆପଣଙ୍କ ମତାମତ ଏବଂ ପରାମର୍ଶ ଦେବା ପାଇଁ ଦୟାକରି ପୁସ୍ତକ ର ଅନ୍ତିମ ପୃଷ୍ଠାରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ |

ଜୟ ସୁରକ୍ଷା...
ଟିପିଏସଓଡିଏଲ ସୁରକ୍ଷା ବିଭାଗ

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

Safety Pause

# Sankalp Zero Harm

## A Mass Safety Commitment Drive



- ❑ ***Test Before You Touch.***
- ❑ ***ବୈଦ୍ୟୁତିକ  ଉପକରଣକୁ ସ୍ପର୍ଶ କରିବା ପୂର୍ବରୁ ଭଲ ଭାବରେ ପରଖି ନିଅନ୍ତୁ ।***



- ❑ ***Ensure Safety Zone Creation Before Work.***
- ❑ ***କାର୍ଯ୍ୟ ପୂର୍ବରୁ ସୁରକ୍ଷା ଜୋନ୍ ସୃଷ୍ଟି ନିଶ୍ଚିତ କରନ୍ତୁ ।***



- ❑ ***Use Suitable Ladder while working at Height.***
- ❑ ***ଉଚ୍ଚତାରେ କାମ କରିବା ସମୟରେ ଉପଯୁକ୍ତ ଶିଡ଼ିକୁ ବ୍ୟବହାର କରନ୍ତୁ ।***



- ❑ ***Use of Full Body Harness with Double Lanyard and Pole Grab Arrestor while working at Height.***
- ❑ ***ଉଚ୍ଚତାରେ କାମ କରିବା ସମୟରେ ଉପଯୁକ୍ତ ଡବଲ ଲାନାର୍ଡ ଥିବା ଫୁଲ୍ଲବଡି ହାରନେଶ ସହିତ ପୋଲ ଗ୍ରାବ୍ଆରେଷ୍ଟର ବ୍ୟବହାର କରନ୍ତୁ ।***



- ❑ ***Stop Un-authorize Work.***
- ❑ ***ଅଣ-ପ୍ରାଧିକୃତ କାର୍ଯ୍ୟ ବନ୍ଦ କରନ୍ତୁ ।***



- ❑ ***Ensure Proper Supervision at Work Location.***
- ❑ ***କାର୍ଯ୍ୟ କରିବା ସମୟରେ ସଠିକ୍ ତଦାରଖ ନିଶ୍ଚିତ କରନ୍ତୁ ।***

**OUR AIM**

**ZERO HARM**

think safe. | work safe. | be safe.

## କାହାଣୀରୁ ସୁରକ୍ଷା ଶିକ୍ଷା

# ହ୍ୱିଲ୍ ଚେୟାର

## କାହାଣୀ ଏକ ଲାଇନ୍ ମ୍ୟାନ୍ ର ...



**ଲେଖକ : ସରୋଜ କୁମାର ସେଠୀ**

ଦାମ ଭାଇ ଜଣେ କୁଶଳୀ ଶ୍ରମିକ ଥିଲେ । ଆଉ ରାଜ୍ୟ ବିଦ୍ୟୁତ ବିଭାଗ ରେ ଲାଇନ୍ ମ୍ୟାନ୍ ରୁପେ କାର୍ଯ୍ୟରତ ଥିଲେ । ନିଜ କାର୍ଯ୍ୟ କ୍ଷେତ୍ରରେ ନିଜର କର୍ମନୀତି ଦ୍ୱାରା ଗ୍ରାହକଙ୍କ ବୈଦୁତିକ ଜନିତ ସମସ୍ୟାର ସମାଧାନ ସୁଚାରୁରୂପେ କରୁଥିଲେ। ନିଜ ପରିବାରରେ ନିଜ ସ୍ତ୍ରୀ ଆଉ ଦୁଇ ପୁଅଙ୍କୁ  ନେଇ  ଦାମ ଭାଇ ବେସ୍ ଖୁସିରେ ଜୀବନ ବିତାଉଥିଲେ।

ଦୀର୍ଘ  ଛଅ ବର୍ଷର କାର୍ଯ୍ୟ ଦକ୍ଷତା ହାସଲ କରିସାରିବା ପରେ,  ଦାମ ଭାଇ ଧିରେ ଧିରେ ନିଜ ଆତ୍ମବିଶ୍ୱାସର ଉପରେ  ସୁରକ୍ଷା ପଦ୍ଧତିକୁ ଅବମାନନା କରି  କାର୍ଯ୍ୟ କରିବା ଆରମ୍ଭ କରିସାରିଥିଲେ। ସୁରକ୍ଷା ଅଧିକାରୀଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ ସୁରକ୍ଷାର ନିୟମ ଗୁଡିକୁ ଅବମାନନା କରି ଆସୁଥିଲେ।  ହେଲେ ଦାମ ଭାଇ ନିଜେ ମଧ୍ୟ ଜାଣିପାରିନଥିଲା ଯେ ସୁରକ୍ଷାର ନିୟମ ଗୁଡିକୁ ଅବମାନନା କରି କାମ କରିବା ତା ନିଜର ଆଗାମୀ ଜୀବନ ଉପରେ କେତେ ପ୍ରଭାବ ପକାଇବ ।

ସେଦିନ ଥିଲା ମେ ମାସର 15 ତାରିଖ। ସବୁଦିନ ପରି ସେଦିନ ମଧ୍ୟ ସେ ନିଜ ଜୋନର ଫ୍ୟୁଜ କଲ ସେଣ୍ଟର ରେ ଉପସ୍ଥିତ ଥିଲା । ସମୟ ପ୍ରାୟ ଅପରାହ୍ନ 2 ଘଟିକା ସମୟରେ ହଠାତ୍ କାଳବୈଶାଖି ର ପ୍ରଭାବ ରେ ତା ଜୋନର କିଛି ଗ୍ରାହକଙ୍କ ଘରର ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଥିଲା । ଆଉ  ଗ୍ରାହକ ମାନଙ୍କ ଫୋନ୍ ବାରମ୍ବାର ଦାମ ଭାଇ ପାଖକୁ ଆସିଲା। ଦାମ ଭାଇ ମଧ୍ୟ କାଳବିଳମ୍ବ ନକରି ଏକୁଟିଆ ବାହାରିପଡିଲା ଫିଡରରେ ଥିବା ଫଲ୍ଟ ଖୋଜିବା  ପାଇଁ ।

ନିଜ ସହ କର୍ମଚାରୀର ଅନୁରୋଧ କ୍ରମେ ସେ ନିଜ ଟୁଲ୍ ବ୍ୟାଗ ସହିତ ସୁରକ୍ଷା ଉପକରଣ ମାନ ସାଙ୍ଗରେ ନେଇ ଗଲେ । ଆଉ କିଛି ସମୟ ଖୋଜିବା ପରେ ସେ ଦେଖିଲେ ଗୋଟିଏ ପୋଲ୍ ରେ 11କେଭି ଏଚ୍ ଟି  ଲାଇନ୍ ର  ଜମ୍ପର୍ ବିଚ୍ଛିନ୍ନ ହେଇଛି । ଯଦିଓ ଏଚ୍ ଟି ଲାଇନ୍ ରେ କାମ କରିବା ପାଇଁ ସିଏ ଉପଯୁକ୍ତ କର୍ମଚାରୀ ନୁହନ୍ତି, ତଥାପି ସିଏ ନିଜେ ଜମ୍ପର୍ ଯୋଡିବା ପାଇଁ ସ୍ଥିର କଲେ ।  ଆଉ  ପାଖରେ ଥିବା ଫିଡର ର ଏବି ସୁଇଚ୍ ର ସଂଯୋଗ  ବିଚ୍ଛିନ୍ନ କରି ତା ପରେ ସେଇ ପୋଲ୍ ପାଖକୁ ଯାଇ   ସୁରକ୍ଷା ଉପକରଣ ଗୁଡିକୁ ତଳେ ରଖିଦେଇ ବିନା ଶିଡ଼ି ଏବଂ ସୁରକ୍ଷା ବେଲ୍ଟରେ  ପୋଲ୍ ଉପରେ ଚଢି ଜମ୍ପର୍ କୁ ଯୋଡିବାକୁ ଆରମ୍ଭ କଲେ । କାମ ସରିବା ପରେ ଯେତେବେଳ ଦାମ ଭାଇ ପୋଲ୍ ରୁ ତଳକୁ ଓହ୍ଲାଉଥିଲା, ଦୁର୍ଭାଗ୍ୟବଶତଃ ତା ଗୋଡ ଖସି ଯାଇଥିଲା । ଆଉ ପାଖାପାଖି 5 ମିଟର ଉଚ୍ଚତାରୁ ତଳକୁ ଖସି ପଡିଥିଲେ । ତଳେ  ପଡିବା ମାତ୍ରେ ଦାମ ଭାଇ ବେହୋଶ ହେଇଯାଇଥିଲା ।



ଆଉ ତାପରେ ଦାମ ଭାଇ କୁ ଯେତେବେଳ ହୋସ୍ ଆସିଲା ସେ ନିଜକୁ ଏକ ସରକାରୀ ଡାକ୍ତରଖାନାରେ ପାଇଲେ।  ସେ ଏକ ଭୟଙ୍କର ଖବର ଜାଣିବାକୁ ପାଇଲା ଯେ ସେ ଆଉ ଚାଲିପାରିବ ନାହିଁ ।  ଏହା ଜାଣି ସାରିଲା ପରେ ଦାମ ଭାଇକୁ  ଏମିତି ଲାଗିଲା ଯେମିତି ତା ଉପରେ ବଜ୍ରପାତ ହେଇଛି । ଡାକ୍ତରଖାନାରେ ଚାରିମାସ ବିତେଇଲା ପରେ ଡ଼କ୍ଟର ହ୍ୱିଲ ଚେୟାର ବ୍ୟବହାର କରିବା ପାଇଁ ଉପଦେଶ ଦେଲେ । ଆଉ ଏବେ ଠାରୁ ଏହାକୁ ବ୍ୟବହାର କରି ଚାଲିବା ପାଇଁ ଶିଖି ବାକୁ ପଡିବ ।
ସେ ବୁଝିସାରିଥିଲା ତାର ଗୋଟିଏ ଛୋଟ ଭୁଲ ଯାହାକି ସୁରକ୍ଷାର ନିୟମକୁ ଅବମାନନା କରିଥିଲା, ସେଇଥିପାଇଁ ତାର ସାରା ଜୀବନ ହ୍ୟୁଇଲ ଚେୟାର ରେ କଟିବ।  ଆଉ ତା ପରେ ପରବର୍ତ୍ତୀ ମୁହୂର୍ତ୍ତରେ ସେ ଯେତେବେଳେ ବି ନିଜ ଘର ଆଗରେ ବସି ନିଜ ସହକର୍ମୀ ମାନଙ୍କୁ ରାସ୍ତାରେ ଯିବା ଦେଖନ୍ତି , ସବୁ ବେଳେ ସୁରକ୍ଷା ନିୟମ ଗୁଡିକୁ ମାନି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରନ୍ତି ।
ନିଜ ଅଶ୍ରୁଜଳ ଆଖି ରେ ଦାମ ଭାଇ  ଗୋଟିଏ କଥା କହେ, "ଏହା କଦାପି ବିଳମ୍ବ ହେଇନାହିଁ .. ଆଜିଠାରୁ ସଂକଳ୍ପ କରି  କର୍ମକ୍ଷେତ୍ରରେ ସୁରକ୍ଷା ନିୟମ ଅନୁସରଣ କରି କାର୍ଯ୍ୟ କରିବା ଆଉ ଆମ ନିଜ ଭବିଷ୍ୟତ କୁ ସୁରକ୍ଷିତ ରଖିବା" ।

# କାହାଣୀରୁ ସୁରକ୍ଷା ଶିକ୍ଷା

## ରାଜୁ ଗଲା ହଜୀ

**ଲେଖକ : ସଞ୍ଜୟ କୁମାର ବେହେରା**


ନମସ୍କାର 🙏 , ଆଜି ଆମେ ଜଣେ ସାଥୀ ରାଜୁର ଜୀବନରେ ଘଟିଥିବା ଦୁର୍ଘଟଣା ଏବଂ ସେହି ସମୟର ଦୁଖଦ ଅବସ୍ଥା ବିଷୟରେ ଆପଣମାଙ୍କୁ କିଛି କହିବାକୁ ଯାଉଛି ।




ରାଜୁ ଯେମିତି ନାମଟି ସେମିତି ନିରୀହ ମନଟି । ସେ ବାପା ମାଆଙ୍କର ଗୋଟିଏ ବୋଲି ପୁଅ । ସେ ତାଙ୍କ ଗାଁରେ କଣ୍ଟ୍ରାକ୍ଟର ପାଖରେ ଲାଇନ୍ ମ୍ୟାନ୍ ଭାବେ କାମ କରେ । ତା କାମ କରୁଥିବାର ଯୋଗୁଁ ତାର ପରିବାର ଓ ତାର କାର୍ଯ୍ୟ କ୍ଷମତା ଯୋଗୁଁ ଗାଁ ଲୋକମାନେବି ତା ଉପରେ ବହୁତ ଖୁସି ଥିଲେ।



ଦିନେ ଖରା ବେଳର ସମୟ ଥିଲା। ସେ ଆଉ ତାର ତିନି ସହ କର୍ମଚାରୀ ସାଥୀ ଗାଆଁ ର ସେକ୍ସନ ଅଫିସ ଡ୍ୟୁଟି ରେ ଉପସ୍ଥିତ ଥାନ୍ତି ସନ୍ଧ୍ୟା ୫ ଟାରେ ଗୋଟେ ଜାଗା ରେ ୧୧ କେଭି ଲାଇନ ବ୍ରେକଡାଉନ୍ ହେବା ଯୋଗୁଁ ଉଭୟ ତିନି ସାଥୀଙ୍କ ମିଶି ରାଜୁ ସେହି ସ୍ଥାନକୁ ଯାଇ, ବିଦ୍ୟୁତ୍ ଲାଇନ ର ସୁପରଭାଇଯରଠୁ ଏଲସି ନେବା ପରେ ବିଦ୍ୟୁତ୍ ଲାଇନ କୁ ସ୍ପର୍ଶ କରିବା ପୂର୍ବରୁ ନିଅନ ଟେଷ୍ଟର ବ୍ୟବହାର କରି ଭଲ ଭାବରେ ପରଖିନେଇ ତାପରେ କାର୍ଯ୍ୟ ପୂର୍ବରୁ ଡିସ୍ଚାର୍ଜ ରଡ଼ ମଧ୍ୟ ବ୍ୟବହାର କରି ସୁରକ୍ଷା ଜୋନ୍ ସୃଷ୍ଟି ନିଶ୍ଚିତ କରି । ଉଚ୍ଚତାରେ କାମ କରିବା ସମୟରେ ଉପଯୁକ୍ତ ଶିଡ଼ିକୁ ବ୍ୟବହାର କରି, ବ୍ରେକଡାଉନ୍ ଟିକେ ଠିକ୍ କରି ପୁଣି ସେକ୍ସନ ଅଫିସକୁ ଫେରିଲେ।



କିଛି ସମୟ ପରେ ଡ୍ୟୁଟି ଟାଇମ୍ ସରିଲା ଆଉ ସମସ୍ତେ ନିଜ ଘରକୁ ଫେରିବାକୁ ବାହାରିଲେ। ରାଜୁ ନିଜ ଘରକୁ ଫେଇବା ସମୟରେ ରାସ୍ତାରେ ଗାଁର ସରପଂଚ ତାକୁ ଅଟକାଇ ତାଙ୍କ ଗାଁରେ ଲାଇନ ନଥିବାର ଅସୁବିଧା ଜନେଇଲେ ଏବଂ ତାଙ୍କ ଅନୁରୋଧକୁ ମନା ନ କରି ପାରି ସେଠୀ ଥିବା ୧୬ କେଭି ଟ୍ରାନ୍ସଫର୍ମର ପାଖକୁ ଯାଇ କଣ ଅସୁବିଧା ହେଇଚି ଦେଖିବାକୁ ଲାଗିଲା। ସେ ଦେଖିଲା ସେଠାରେ ଥିବା ଲାଇନ ଫ୍ୟୁଜ୍ ଟି କଟି ଯାଇଛି। କିନ୍ତୁ ସେ ସେକ୍ସନ ଅଫିସ ଡ୍ୟୁଟିରେ ଥିବା ସାଥି ଏବଂ ସୁପରଭାଇଯରକୁ କିଛି ନକହି ଘରକୁ ଯିବା ଜଲଦିରେ ବିନା ଏଲସି ଏବଂ ବିନା ସୁରକ୍ଷା ଜୋନ ସୃଷ୍ଟି ନିଶ୍ଚିତ ନକରି ସେଠୀ ବିଦ୍ୟୁତ୍ ଲାଇନ ରେ କାମ କରିବା ପାଇଁ ଚଢ଼ିଗଲା।




ବିନା ସୁରକ୍ଷା ରେ ବିଦ୍ୟୁତ୍ ଲାଇନ ରେ କାମ କରିବା ସମୟରେ ହଠାତ୍ ଇଲେକ୍ଟ୍ରିକାଲ୍ ସକ୍ ଖାଇ ୫ ମିଟର ଉଚ୍ଚତାରୁ ରାଜୁ ତଳେ ପଡ଼ି ହଠାତ୍ ଆଘାତ ହୋଇଯାଇଥିଲା ଏବଂ ତାର ଶରୀରର କିଛି ଅଂଶ ଏଲେଟରିକ ସକ୍ ଯୋଗୁଁ ଜଳି ଯାଇଥିଲା। କିଛି ସମୟ ପରେ ସେଠିକାର ଲୋକମାନେ ଏସବୁ ଦେଖୀ ରାଜୁକୁ ନିକଟତମ ଡାକ୍ତରଖାନା ନେଇକି ଯାଇଥିଲେ। ଏହି ଦୁଖଦ ଦୁର୍ଘଟଣା ପରେ ରାଜୁ ବହୁତ୍ କଷ୍ଟ ପାଇଲା ଏବଂ ବେକାରରେ ଘରେ ପଡ଼ି ରହିଲା । ଯାହା ଫଳରେ ରୋଜଗାର ନ କରିପାରିବା ଯୋଗୁଁ ତା ଘର ଲୋକ ମଧ୍ୟ ବହୁତ୍ କଷ୍ଟ ପାଇଲେ। ତେଣୁ ଆପଣମାଙ୍କୁ ଅନୁରୋଧ ବିଦ୍ୟୁତ୍ ଲାଇନ ରେ କାମ କରିବା ସମୟରେ TPSODL ର ସମସ୍ତ ସୁରକ୍ଷା ନିୟମ ପାଳନ କରନ୍ତୁ ।

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

## କାହାଣୀରୁ ସୁରକ୍ଷା ଶିକ୍ଷା

# ଦୁଇ ଘନିଷ୍ଠ ବନ୍ଧୁଙ୍କ ତିନୋଟି ଗୋଲଡେନ ନିୟମ

ଲେଖିକା: ଐଶ୍ୱର୍ଯ୍ୟା ମିଶ୍ର





ରାମପୁର ବୋଲି ଗ୍ରାମରେ ବିଶ୍ୱ ଓ ଆଦିତ୍ୟ ନାମରେ ଦୁଇ ଘନିଷ୍ଠ ବନ୍ଧୁ ଥିଲେ | ପିଲାଟି ଦିନରୁ ସେମାନେ ଏକାଠି ପାଠପଢିଥିଲେ ଆଉ ଖାଲି ସମୟ ପାଇଲେ ଏକାଠି ଗାଁର ନଦୀ କୂଳରେ ଖେଳନ୍ତି| ପିଲାଟି ଦିନରୁ ବିଶ୍ୱର  ମା ନଥିଲେ ଏବଂ ବାପା ମନ୍ଦିରରେ ପୂଜାରୀ ରୂପେ କାର୍ଯ୍ୟ କରୁଥିଲେ | ଆଦିତ୍ୟର ବାପା ଅନ୍ଧ ଥିଲେ | ସେ  ନିଜ ବାପା ମାଙ୍କ ଗୋଟିଏ ବୋଲି ଗେହ୍ଲା ପୁଅ ଥିଲା | ସେ ମଧ ବାପା ମାଙ୍କୁ ବହୁତ ଭଲ ପାଏ ଏବଂ ତାଙ୍କର ସବୁ କଥା ମାନେ | ତାସହ ଆଦିତ୍ୟ ଗୋଟିଏ ମେଧାବୀ ଛାତ୍ର ଥିଲା |






ଧୀରେ ଧୀରେ ସମୟ ଅତିବାହିତ ହେଲା | ଦୁଇ ସାଙ୍ଗ ବଡ ହେଲେ ଆଦିତ୍ୟ ନିଜ ଗାଁରେ କୁଶଳୀ ଲାଇନ୍ ମ୍ୟାନ୍ ଭାବେ କାମରେ ନିଯୁକ୍ତ ହେଲେ| କିନ୍ତୁ ବିଶ୍ୱ ନିଜର ବାପାଙ୍କ କାଯ୍ୟଭରକୁ ଗ୍ରହଣ କଲେ |ସବୁ ଦିନ ପରି ସେ ଦିନ ମଧ ବିଶ୍ୱ ପୂଜାରୀ ନିଜର ନିତ୍ୟକର୍ମ ସାରି ମନ୍ଦିରକୁ ଗଲେ | ମନ୍ଦିରରେ ପହଞ୍ଚି ସେ ଦେଖିବାକୁ ପାଇଲେଯେ ସେଠାରେ ଲାଇନ ନାହିଁ ଏବଂ ଆଖପାଖ ଲୋକଙ୍କୁ ବୁଝି ଜାଣି ପାରିଲେ ଯେ ଗତ ରାତିରୁ କାହାର ଘରେବି ଲାଇନ ନାହିଁ | ଏହା ଶୁଣି ସେ ନିଜର ଘନିଷ୍ଠ ବନ୍ଧୁ ଆଦିତ୍ୟଙ୍କୁ ଫୋନ ଲଗାଇଲେ ଏବଂ ସାଙ୍ଗର ପରାମର୍ଶ କର୍ମେ ସେ ଟିପିଏସଓଡିଏଲ ହେଲ୍ପ ଲାଇନ ନମ୍ବର ୧୯୧୨ କୁ କଲକରି ନିଜର ଅଭିଯୋଗକୁ ପଞ୍ଜିକରଣ କଲେ | କିଛି ସମୟ ପରେ ବିଦ୍ୟୁତ୍ ବିଭାଗର କର୍ମଚାରି ନିଜର ଗାଡି ରେ ସବୁ ଉପକରଣ ସହ ଆସି ସେଠାରେ ଉପସ୍ଥିତ ହେଲେ |








ବିଦ୍ୟୁତ୍ କର୍ମଚାରୀଙ୍କ ସହ ନିଜ ପିଲାଦିନର ସାଙ୍ଗ ଆଦିତ୍ୟଙ୍କୁ ଦେଖି ବିଶ୍ୱ ବହୁତ ଖୁସି ହୋଇଗଲେ | କିଛି ସମୟ ନିଜ ସାଙ୍ଗ ସହ ଅତିବାହିତ କଲା ପରେ ବିଶ୍ୱ ପୂଜାରୀ ବିଦ୍ୟୁତ୍ କର୍ମଚାରୀଙ୍କ ପାଇ ପ୍ରସାଦର ବନ୍ଦବୋସ୍ତ କରିବାକୁ ବାହାରି ଗଲେ | ତାସହ ଆଦିତ୍ୟ ମଧ ନିଜର ସହକର୍ମୀ ସହ ଲାଇନ୍ ତ୍ରୁଟି ଖୋଜିବାରେ ଲାଗିଗଲେ | ବହୁତ ସମୟ ପରେ ଜଣାଗଲାଯେ ୧୧ କେଭି ଲାଇନର ଫ୍ୟୁଜ୍ କଟି ଯାଇଛି |ବହୁତ ସମୟ ତ୍ରୁଟି ଖୋଜିବାରେ ଅତିବାହିତ ହୋଇଥିବା ଦେଖି ଆଦିତ୍ୟ ନିଜ ପାଖରେ ଥିବା ସିଡ଼ିକୁ ତୁରନ୍ତ ପୋଲରେ ପକାଇ କାମ କରିବାକୁ ଆରମ୍ଭ କଲେ |



କିନ୍ତୁ ସେହି ସମୟରେ ବିଦ୍ୟୁତ୍ କଂନେକ୍ସନକୁ ବିଚ୍ଛିନ କରିଲେ ଅଧିକ ସମୟ ଲାଗିବ କହି ଉପଯୁକ୍ତ ସୁରକ୍ଷା ଉପକରଣ ଯଥା ସୁରକ୍ଷା ବେଲ୍ଟ , ନିଅନ ଟେଷ୍ଟର ଏବଂ ସୁରକ୍ଷା ବଳୟକୁ ନିଶ୍ଚିତ ନକରି କାର୍ଯ୍ୟ ଆରମ୍ଭ କରୁଥିଲେ | ଯାହାଦ୍ୱାରାକି ସେହି ୧୧ କେଭି ଲାଇନ୍ ସମ୍ପର୍କରେ ଆସି ତଳେ ପଡିଯାଇଥିଲେ | ଯାହାକୁ ଦେଖି ସେଠାରେ ଗାଁ ଲୋକ କୋଳାହଳ କରିବା ଆରମ୍ଭ କଲେ |  ଗାଁ ଲୋକଙ୍କ କୋଳାହଳ ଶୁଣି ପୂଜାରୀ ଜଣଙ୍କ ଦୌଡ଼ି ଆସିଲେ ଏବଂ ନିଜ ସାଙ୍ଗଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖି ତୁରନ୍ତ ସେ ନିଜ ସାଙ୍ଗଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଗଲେ | ସେଠାରେ ଡାକ୍ତର ବାବୁ ଦେଖି ଜାଣିପାରିଲେ ଯେ ଆଦିତ୍ୟର ବାମ ଗୋଡ ଏବଂ ଡାହାଣ ହାତ ୯୦ ଭାଗରୁ ଉର୍ଦ୍ଧ ଜଳି ଯାଇଛି ତେଣୁ ତାଙ୍କୁ ଅତି ଶୀଘ୍ର ଅପେରସନ କରି କାଟିବାକୁ ପଡିବ | ଏହା ଶୁଣି ଆଦିତ୍ୟର ବାପା ମାଙ୍କ  ପାଦ ତଳୁ ଭୂମି ଖସିଗଲା | ଯେଉଁ ବାପା ମା ଦିନେ ନିଜ ପୁଅକୁ ଦେଖି ବହୁତ ଗର୍ବିତ ଅନୁଭବ କରୁଥିଲେ ସେମାନେ ଆଜି ସମାଜ ସାମନାରେ ମୁକ ବନି ଯାଇଥିଲେ | ଯେଉଁ ପୁଅ ଭରସାରେ ସେମାନେ ନିଜର ବାର୍ଦ୍ଧକ୍ୟକୁ ଅତିବାହିତ କରୁ ଥିଲେ | ସେହି ପୁଅର ଏହି ପରି ଅବସ୍ଥାକୁ ସେମାନେ ସହି ପାରୁ ନଥିଲେ | ଏସବୁ ଦେଖି ଗାଁ ଲୋକମାନେ ସମସ୍ତେ ବହୁତ ଦୁଃଖ ଅନୁଭବ କଲେ ଏବଂ ସହ କର୍ମଚାରୀ ମାନେ ଶପଥ ନେଲେଯେ କାମ କଲାବେଳେ ସବୁ ବେଳେ **ତିନୋଟି ଗୋଲଡେନ ନିୟମ ପାଳନ କରି କାମ କରିବେ ଯାହା କି ହେଲା : ୧. ବୈଦୁତିକ  ଉପକରଣ କୁ ସ୍ପର୍ଶ କରିବା ପୂର୍ବରୁ ଭଲ ଭାବରେ ପରଖି ନିଅନ୍ତୁ  , ୨. କାର୍ଯ୍ୟ ପୂର୍ବରୁ ସୁରକ୍ଷା ଜୋନ୍ ସୃଷ୍ଟି ନିଶ୍ଚିତ କରନ୍ତୁ , ୩. ଫୁଲ୍ଲବଡି ହାରନେଶ ଏବଂ ଉପଯୁକ୍ତ ଶିଡ଼ିକୁ  ଉଚ୍ଚତା ରେ କାମ କରିବା ସମୟରେ ବ୍ୟବହାର କରନ୍ତୁ ।**

TPSODL

TP SOUTHERN ODISHA DISTRIBUTION LIMITED

(A Tata Power and Odisha Government Joint Venture)

## କାହାଣୀରୁ ସୁରକ୍ଷା ଶିକ୍ଷା

# ଦୁଇ ଘନିଷ୍ଠ ବନ୍ଧୁଙ୍କ ତିନୋଟି ଗୋଲଡେନ ନିୟମ

ଦୀର୍ଘ ୬ ମାସ ଡାକ୍ତରଙ୍କ ଚିକିତ୍ସା ପରେ  ଡାକ୍ତରଖାନାରୁ ବହୁତ କଷ୍ଟରେ ଆଦିତ୍ୟଙ୍କ ବାପା ମାଙ୍କ ସହ ବିଶ୍ୱ ପୂଜାରୀ ଅପେରସନ କରି ପୁଅକୁ ନେଇ ଘରକୁ ଫେରିଲେ | ନିଜ ପିଲାଦିନର ସାଙ୍ଗକୁ ଏପରି ଅବସ୍ଥାରେ ପାଇ ବିଶ୍ୱ ପୂଜାରୀ ନିଷ୍ପତି ନେଲେ ଯେ ସେ ନିଜ ଗ୍ରାମର ବିଦ୍ୟୁତ୍ ବିଭାଗଙ୍କ ସହାୟତାରେ ସବୁ ବିଦ୍ୟୁତ୍ କର୍ମଚାରୀ ତଥା ଅନ୍ୟ ଗ୍ରାମ ବାସୀଙ୍କୁ ମଧ୍ୟ ବିଦ୍ୟୁତ୍ ସୁରକ୍ଷା ବିଷୟରେ ଅବଗତ କରିବାରେ | ନିଜ ଗ୍ରାମ ସହ ସବୁ ଗ୍ରାମକୁ ବୈଦ୍ୟୁତିକ ଦୁର୍ଘଟଣା ମୁକ୍ତ  କରିବା ଅଭିଯାନରେ ଦୁଇ ସାଙ୍ଗ ମିଶି ବାହାରିଲେ |



**ସମସ୍ତ ବିଦ୍ୟୁତ କର୍ମଚାରୀଙ୍କ ପାଇଁ ଦୁଇ ଘନିଷ୍ଠ ବନ୍ଧୁଙ୍କ ତିନୋଟି ଗୋଲଡେନ ନିୟମ / ବାର୍ତା :**

1. ସମସ୍ତ ବୈଦୁତିକ ତାର କିମ୍ବା ଉପକରଣକୁ ଲାଇଭ୍ ବୋଲି ଭାବିବା ଏବଂ ସ୍ପର୍ଶ କରିବା ପୂର୍ବରୁ ନିଅନ୍ ଟେଷ୍ଟର ବ୍ୟବହାର କରି ପରୀକ୍ଷା କରିବା ଉଚିତ I
2. ଉଭୟ ସପ୍ଲାଏ  ଏବଂ ଲୋଡ୍ ପାର୍ଶ୍ୱରେ ଡିସଚାର୍ଜ ରଡ୍, ପୋର୍ଟେବଲ୍ ଆଥିଙ୍ଗ ଏବଂ ସଟିଙ୍ଗ୍ ଚେନ୍ / କ୍ଲାମ୍ପ ବ୍ୟବହାର କରିବା ସୁରକ୍ଷା ଜୋନ୍ ସୃଷ୍ଟି କରିବା ଉଚିତ I
3. ଉଚ୍ଚତାରେ କାମ କରିବାବେଳେ ଉପଯୁକ୍ତ ସିଡ଼ିର ବ୍ୟବହାର କରିବା ଏବଂ ସର୍ବଦା  ଫୁଲ୍ଲବଡି ହାରନେଶ  ସହିତ ଅନ୍ୟାନ୍ୟ ଉପଯୁକ୍ତ ପିପିଇ ଗୁଡିକ ବ୍ୟବହାର କରିବା ଉଚିତ I



ବୈଦୁତିକ  ଦୁର୍ଘଟଣାକୁ କମ କରିବା ଦ୍ୱାରା ଆମେ ବହୁମୂଲ୍ୟ ଜୀବନ କିମ୍ବା ଧନସମ୍ପତ୍ତି ର ରକ୍ଷା କରିପାରିବା

"ବୈଦୁତିକ ନିରାପତ୍ତା ପାଳନ କରନ୍ତୁ - ଜୀବନ ଏବଂ ସମ୍ପତ୍ତି ସଂରକ୍ଷଣ କରନ୍ତୁ"

ଜୟ ସୁରକ୍ଷା...



## କାହାଣୀରୁ ସୁରକ୍ଷା ଶିକ୍ଷା

# କାହାଣୀ ଏକ ସବଷ୍ଟେସନ୍ ର

ଲେଖକ : ବିଭୂତି ଭୂଷଣ ପାହାଡସିଂହ






ମୁଁ ଶ୍ରୀ ରାମା ଗୁଡା ଟିପିଏସଓଡିଏଲରେ ଲାଇନ୍ ମ୍ୟାନ୍ ଭାବରେ କାର୍ଯ୍ୟ କରୁଛି | ମୋର ଦୁଇଟି ସନ୍ତାନ ପ୍ରୀତି ବୋଲି ଝିଅ ଏବଂ ଆକାଶ ମୋ ପୁଅ I ମୁଁ ଆଉ ମୋ ସ୍ତ୍ରୀ ଶାନ୍ତି ଏବଂ ପୁଅ ଝିଅ ସହିତ ଖୁସିରେ ଜୀବନ ବିତାଉଥିଲି | ପ୍ରତିଦିନ ମୁଁ ମୋର ସକାଳ ନିତ୍ୟକର୍ମ କାର୍ଯ୍ୟ ସମାପ୍ତ କରି ପ୍ରୀତି ଏବଂ ଆକାଶଙ୍କୁ ସେମାନଙ୍କ ସ୍କୁଲରେ ଛାଡି ସାରିଲା ପରେ  ମୁଁ ମୋର ସବୁ ଦିନ ଭଳି ଡିଉଟିକୁ ବାହାରି ଗଲି ଏବଂ ସବୁ ବେଳେ କାମ କଲା ବେଳେ ସୁରକ୍ଷା ନିୟମ ପାଳନ କରେ ଆଉ ମଧ୍ୟ ସମସ୍ତେ ମିଳି ମିଶି କାମ କରୁ |





ଦିନେ ଡିଉଟି ସମୟରେ ମୋର ଇନଚାର୍ଜଙ୍କ ଠାରୁ  ଏକ  ଫୋନ କଲ ଆସିଲା ଯେ ରାମପୁର ପ୍ରାଇମେରୀ ସବ୍ ଷ୍ଟେସନ୍ ରେ କଣ୍ଡକ୍ଟର ସ୍ନାପ୍ ହୋଇଯାଇଛି ଆଉ ସେଇଥିପାଇଁ ଆଖ ପାଖ ଅଞ୍ଚଳରେ ଲାଇନ୍ ନାହିଁ ଏବଂ ରାମପୁର ପ୍ରାଇମେରୀ ସବ୍ ଷ୍ଟେସନ୍ ଯାଇ ଲାଇନ୍ ଦେଖି ଠିକ କରି କରିବାକୁ  | ମୋର ଇନଚାର୍ଜଙ୍କ ଠାରୁ ପ୍ରାପ୍ତ ନିର୍ଦ୍ଦେଶ ଅନୁଯାୟୀ, ମୁଁ ମଧ୍ୟ ମୋ ଦଳର ସାଥୀମାନଙ୍କ ସହ ମିଶି ଲାଇନ୍ ମରାମତି କାମ କରିବାକୁ ରାମପୁର ପ୍ରାଇମେରୀ ସବ୍ ଷ୍ଟେସନ୍ ରେ ପହଁଞ୍ଚିଲୁ |





ରାମପୁର ପ୍ରାଇମେରୀ ସବ୍ ଷ୍ଟେସନ୍ ଟି ବହୁତ ପୁରୁଣା ସବ୍ ଷ୍ଟେସନ୍ ଅଟେ ଏବଂ ସବ୍ ଷ୍ଟେସନ୍ ଷ୍ଟ୍ରକଚରକୁ ସପୋର୍ଟ କରୁଥିବା ବ୍ରେସିଂ ଗୁଡିକ ବହୁତ ଖରାପ ଅବସ୍ଥାରେ ଥାଏ ଏବଂ ସେଇଥିପାଇଁ ସବୁ ବେଳେ କାମ କଲା ବେଳେ ଆମେ ସାବଧାନର ସହ କାମ କରୁ |

ସେଦିନ ମଧ୍ୟ ସବ୍ ଷ୍ଟେସନ୍ ରେ ପହଞ୍ଚିବା ପରେ ସବୁଥର ପରି, ଲାଇନ୍ କ୍ଲିୟରାନ୍ସ ମୋ ଇନଚାର୍ଜଙ୍କ ଦ୍ୱାରା ନିଆଯାଇଥିଲା, ଆମେ ଲାଇନ୍ କୁ ଠିକ ଭାବରେ ବିଚ୍ଛିନ୍ନତା ଯାଞ୍ଚ କରିବା ପାଇଁ ନିଅନ୍ ଟେଷ୍ଟର୍ ବ୍ୟବହାର କରି ତା ପରେ କାର୍ଯ୍ୟ ସ୍ଥାନରେ ସୁରକ୍ଷା ଜୋନ୍ ସୃଷ୍ଟି କରିବା ପାଇଁ ଡିସଚାର୍ଜ ରଡ୍ କରିସାରିଲା ପରେ | ମୁଁ ମୋର ସୁରକ୍ଷା ସାମଗ୍ରୀ  ସହିତ ସୁରକ୍ଷା ବେଲ୍ଟ ପିନ୍ଧି ସରିଲା ପରେ ଉଚ୍ଚତାରେ କାର୍ଯ୍ୟ କରିବା ପାଇଁ ସିଡ଼ି ବ୍ୟବହାର କରି ଷ୍ଟ୍ରକଚରକୁ ଚଢି ସାରିବା ପରେ ପିନ୍ଧି ଥିବା ସୁରକ୍ଷା ବେଲ୍ଟଟିକୁ ମୁଣ୍ଡ ଉପରେ ଥିବା ଷ୍ଟ୍ରକଚରକୁ ସପୋର୍ଟ କରୁଥିବା ବ୍ରେସିଂ ରେ ଫସେଇ ଦେଇ ଲାଇନ୍ ମରାମତି କାମ କରୁଥାଏ  |

ମୁଁ ମୋର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମାପ୍ତ କରି ସାରିଲା ପରେ ଆଉ କିଛି ଅତିରିକ୍ତ ଲାଇନ୍ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ପାଇଁ ଷ୍ଟ୍ରକଚର ସପୋର୍ଟ କରୁଥିବା ବ୍ରେସିଂ ଉପରେ ଠିଆ ହୋଇ ଟିକେ ଆଗକୁ ଭିଡି ହୋଇ କାମ କରୁଥାଏ | ଏହି ସମୟରେ ହଠାତ୍ କରି ମୁ ସୁରକ୍ଷା ବେଲ୍ଟ ଲଗେଇଥିବା ବ୍ରେସିଂଟି ଭାଙ୍ଗି ଯାଇଥିଲା ଏବଂ ଯାହା ଫଳରେ ମୁ ତଳେ ପଡି ଯାଇ ଥିଲି | ତଳେ ପଡି ଥିବା କିଛି ଷ୍ଟ୍ରକଚର ସାମଗ୍ରୀ ଯାହାକି ମରାମତି କାମ କରିବା ପାଇଁ ରଖାଯାଇଥିଲା ତା ଉପରେ ମୁ ପିଠି ପାଟୁଆ ପଡି ଗଲି ଯାହା ଫଳରେକି ମୋ ଗୋଡ ଏବଂ ଅଣ୍ଟା ରେ ବହୁତ ଜୋରସେ ଆଘାତ ଲାଗିଥିଲା |

## କାହାଣୀରୁ ସୁରକ୍ଷା ଶିକ୍ଷା


# କାହାଣୀ ଏକ ସବଷ୍ଟେସନ୍ ର




ଏହି ଦୁର୍ଘଟଣା ପରେ ମୋ ସହିତ କାମ କରୁଥିବା ସାଥି ଭାଇ ମାନେ ମତେ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେଇଆସିଲେ ଏବଂ ଡ଼କ୍ଟର ବାବୁ ପ୍ରାଥମିକ ଚିକିତ୍ସା କରି ସାରିବା ପରେ ଏକ୍ସ-ରେ କରିବାକୁ ପରାମର୍ଶ ଦେଲେ | କିଛି ସମୟପରେ ଏକ୍ସ-ରେ ରିପୋର୍ଟ ଆସିବାପରେ ଏହା ଜଣାପଡିଲାଯେ , ମୋ ମେରୁଦଣ୍ଡରେ ଥିବା କିଛି ଲିଗାମେଣ୍ଟ୍ ନଷ୍ଟ ହୋଇଯାଇଛି ଏବଂ ମୋତେ ଠିକ ହେବାକୁ ଆଠ ମାସ ପାଇଁ ଘରେ ବେଡ଼ ରେ ରହି ବିଶ୍ରାମ ଏବଂ ଡ଼କ୍ଟର ବାବୁଙ୍କ ପରାମର୍ଶ ଅନୁଯାଇ ଚିକିତ୍ସା ଚାଲିଥିଲା | ଏହି ଆଠ ମାସ ସମୟ ମଧରେ ମତେ ବହୁତ କଷ୍ଟ ଅନୁଭବ ହୋଇଥିଲା ଏବଂ ମୋ ପରିବାର ଉପରେ ମଧ ଏହା ପ୍ରଭାବକୁ ଅନୁଭବ କରୁଥିଲେ |



ଦୀର୍ଘ ଆଠ ମାସ ହେଲା ମୋର ଚିକିତ୍ସା ଚାଲିଛି ଆଉ ଏବେ ଯାଏବି ମୁ ମୋର ନୀତିଦିନର ନିତ୍ୟକର୍ମ କାର୍ଯ୍ୟକଳାପ କରିବାରେ ଅସମର୍ଥ ଏବଂ ମୋ ପିଲାମାନଙ୍କୁ ସେମାନଙ୍କ ସ୍କୁଲକୁ ଛାଡିବାକୁ ଯାଇ ପାରୁନାହିଁ ତା ସହିତ ଘରର କୌଣସି କାମ ରେ ମଧ ସାହାଯ୍ୟ କରି ପାରୁନି ଯାହା ଫଳରେକି ଘରର ସବୁ କାମ ପାଇଁ ମୁ ମୋ ପରିବାର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ |



ଭଗବାନଙ୍କ କୃପା ଯୋଗୁ ମୁ ଏବେ ଟିକେ ଭଲ ଅଛି ଆଉ ମୁ ମୋର  ଆଜି ମୁ ମୋର ସାଥି କର୍ମଚାରୀ ଭାଇମନକୁ କହିବାକୁ ଚାହେଁ | ମୋ ଦ୍ଵାରା ହେଇଥିବା ଭୁଲରୁ ଶିକ୍ଷା ନିଆନ୍ତୁ ଆଉ ସୁରକ୍ଷ୍ୟାର ସହ କାମ କରନ୍ତୁ |

କାମ କଲା ବେଳେ ଗୋଟିଏ ଭୁଲ କରି ଥିଲି ସିଡ଼ି ରେ  ଯାଇ ଷ୍ଟ୍ରକଚର ବ୍ରେସିଂରେ ସୁରକ୍ଷା ବେଲ୍ଟ ଲଗାଇବା ପୂର୍ବରୁ  ଷ୍ଟ୍ରକଚର ଶକ୍ତ ସକ୍ତତା ଠିକ ସେ ଯାଞ୍ଚ କରିନଥିଲି ଏବଂ  ମୁଁ ମୋର ସୁରକ୍ଷା ବେଲ୍ଟ ବ୍ୟବହାର କରି ଯେଉଁଠାରେ ଛିଡ଼ା ହୋଇଥିଲି ସେହି ସ୍ଥାନକୁ ଆଙ୍କର୍ କରିଥିଲି , ଯଦି ମୁଁ ଅନ୍ୟ କିଛି କୋଉ ମୁଣ୍ଡ ଉପରକୁ ଶକ୍ତ ସ୍ଥାନରେ ସୁରକ୍ଷା ବେଲ୍ଟକୁ ଆଙ୍କର୍ କରିଥାନ୍ତି , ତେବେ ମୁଁ ଉଚ୍ଚତାରୁ ଖସିଯିବା ପରିବର୍ତ୍ତେ ଷ୍ଟ୍ରକଚର ଉପରେ ମୋର ସୁରକ୍ଷା ବେଲ୍ଟ ମାଧ୍ୟମରେ ତଳେ ନପଡ଼ି ଝୁଲି ରହିଥାନ୍ତି | ଏହି ଭଳି ଦୁର୍ଘଟଣାକୁ  ଭବିଷ୍ୟତରେ ଏଡ଼ାଇବା ପାଇଁ ଷ୍ଟ୍ରକଚର ଗୁଡିକର ନିଅମିତ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦେବା ଉଚିତ ଆଉ କାମ କରିବା ପୂର୍ବରୁ ଠିକ ସେ ଯାଞ୍ଚ କରିନେବା ଦରକାର | ମୁଁ ମୋର ସମସ୍ତ ସାଥୀମାନଙ୍କୁ ଅନୁରୋଧ କରେ ଯେ ଏହି ଭଳି ଦୁର୍ଘଟଣା ପୁନର୍ବାର ନଘଟିବା ପାଇଁ ସମସ୍ତ ସୁରକ୍ଷା ନିୟମ ଅନୁସରଣ କରନ୍ତୁ ଏବଂ ନିରାପଦରେ କାମ କରନ୍ତୁ |

## କାହାଣୀରୁ ସୁରକ୍ଷା ଶିକ୍ଷା

ଲେଖକ : ପ୍ରବୋଧ ରଂଜନ ସାହୁ

# ଅଧୁରା ସ୍ୱପ୍ନ



ସର୍ବ ଶାସ୍ତ୍ରରେ ପାରଙ୍ଗମ ପଣ୍ଡିତ ସମ୍ରାଟ କେଶରୀ ବୃଦ୍ଧ କାଳରେ ସର୍ବଭାରତ ତୀର୍ଥ ଭ୍ରମଣ କରିବାକୁ ମନ କଲେ । ହେଲେ ସାଥିରେ ଯିବାକୁ କେହି ପାଇଲେ ନାହିଁ । ଶେଷରେ ଗାଁ ମୁଣ୍ଡରେ ଥିବା ବାରିକ ଟୋକାକୁ ପଚାରିବାରୁ ସେ କିଛି ସର୍ତ୍ତରେ ରାଜି ହୋଇଗଲା । ସର୍ତ୍ତ ଏମିତି ଥିଲା କି ବାରିକ ଟୋକା ସବୁ କିଛି କରିବ କିନ୍ତୁ କିଛି ପଚାରିଲେ ପଣ୍ଡିତ ମହାଶୟ ନ ରାଗି ତାର ସମସ୍ତ ସନ୍ଦେହ ଦୂର କରିବେ । ପଣ୍ଡିତ ସମ୍ରାଟ ଭାବିଲେ ବାରିକ ଟୋକାଟା ଟିକେ ଅବୋଲକରା ହେଲେ ସାହସୀ ଆଉ ଚତୁର ମଧ୍ୟ । ତା ଭଳି ସାଥି ଥିଲେ ବହୁ ପରିଶ୍ରମ ଲାଘବ ହୋଇଯିବ ତେଣୁ ପଣ୍ଡିତ ରାଜି ହୋଇଗଲେ ।





ଦୁହେଁ ଗଣ୍ଠିଲି ଧରି ବାହାରିଗଲେ ତୀର୍ଥଯାତରେ । ବାଟରେ ଅବୋଲକରା ବାରିକ ଟୋକା କହିହଉଥାଏ ପଣ୍ଡିତେ ଆପଣଙ୍କ କଥାରେ ରାଜି ହୋଇଗଲି ମୋ ସର୍ତ୍ତ ପୂରଣ ନ ହେଲେ ସେଇଠୁ ହିଁ ଆପଣଙ୍କୁ ଆଉ ଗଣ୍ଠିଲି ଛାଡି ଘରକୁ ବାହୁଡ଼ି ଆସିବି, ମତେ ଆଉ ଠକିବ ନାହିଁ । ଏମିତି କଥା ବାର୍ତା ହୋଇ ଦୁହେଁ ଯାତ୍ରା ରେ ବାହାରି ଯାଇ ହିଞ୍ଜିଳି ନଗର ରେ ପହଞ୍ଚିଗଲେ । ସେଠି ଏକ ସୁନ୍ଦର ପୁଷ୍କରିଣୀ ଓ ବଗିଚା ଦେଖି ପଣ୍ଡିତ ବିଶ୍ରାମ ନେବାକୁ ମନ ବଳେଇଲେ ।





ଗଣ୍ଠିଲି ଥୋଇ ଅବୋଲକରା କୁ ୧୦୦ ଟଙ୍କା ଦେଇ ପନିପରିବା ଆଣିବାକୁ ବଜାରକୁ ପଠେଇଦେଲେ । କିଛି ସମୟ ପରେ ଅବୋଲକରା ଫେରି ଆସିଲା କିନ୍ତୁ ତା ମୁହଁରେ ସରସ ନ ଦେଖି ପଣ୍ଡିତେ କାରଣ ପଚାରିଲେ । ସେଇଠୁ ବାରିକ ଅବୋଲକରା କହିଲା ପଣ୍ଡିତେ ଆଜ୍ଞା ବଜାର ରେ ପରିବା କିଣିବା ପରେ ଦେଖିଲି ଯେ ଅତି ସୁନ୍ଦର ସ୍ତ୍ରୀଲୋକ ଜଣେ ରାସ୍ତାରେ ପଇସା ମାଗୁଥିଲା । ପାଖରେ ଜଣେ ଯୁବକ ଥିଲା ଯାହାର ହାତ ଦେହ ଅଧା ଜଳି ଯାଇଛି ସେ କଥା ବି କହିପାରୁନି ଖାଲି କାନ୍ଦୁଚି । ବେଶଭୂଷାରୁ ତ ସେମାନେ ଧନୀ ଶ୍ରେଣୀର ଲାଗୁଛନ୍ତି କିନ୍ତୁ ଏ ଭଳି ପରିସ୍ଥିତି କାହିଁକି ହୋଇଥିବ ।



ପଣ୍ଡିତେ ମତେ ଏବେ ବୁଝେଇ କୁହ ନ ହେଲେ ତୁମ ଗଣ୍ଠିଲି ରହିଲା ଓ ମୁଁ ଚାଲିଲି ଗାଁକୁ । ସେଠୁ ପଣ୍ଡିତେ କହିଲେ ଆରେ ଏତେବଳୁ ଗାଁକୁ କଣ ଯିବୁ କହିଲୁ ଟିକେ ଥୟ ଧର ରୋଷେଇ ଟା ବସେଇଦେଇକି ମୁଁ ବୁଝୁଚି କଣ ହେଇଚି ତା ପରେ ତୋର ସମସ୍ତ ସନ୍ଦେହ ମୁଁ ଦୂର କରିବି । ବାରିକ ଅବୋଲକରା ରୋଷେଇ ଯୋଗାଡ଼ କଲା ଏବଂ ପଣ୍ଡିତେ ସେ ଜାଗା ଯାଇ ବୁଝିକି ଆସିଲେ । ରୋଷେଇ ସାରି ଖାଇବା ସାରିବା ପରେ ପଣ୍ଡିତେ କହିଲେ ପକା କମ୍ବଳ ପୋତ ଛତା, ଅବୋଲକରା ଶୁଣ ସେ କଥା ।

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

# କାହାଣୀରୁ ସୁରକ୍ଷା ଶିକ୍ଷା

## ଅଧୁରା ସ୍ୱପ୍ନ



ଏହା ଶୁଣି ପଣ୍ଡିତ କହିଲେ ଏ ହେଉଛି ହିଞ୍ଜିଳି ନଗର ଆଉ ତୁ ଯୋଉ ସେଇ ଦୁଇଜଣଙ୍କୁ ଦେଖିଲୁ ସେମାନେ ସ୍ୱାମୀ ସ୍ତ୍ରୀ ଥିଲେ । ପରିବାର କହିଲେ ସେମାନେ ହିଁ ଦୁଇଜଣ ଏବଂ ପେସାରେ ସ୍ୱାମୀ ବିକାଶ ଜଣେ ବିଦ୍ୟୁତ କର୍ମଚାରୀ । ଯାହା କିଛି ବେତନ ମିଳେ ସ୍ୱାମୀ ସ୍ତ୍ରୀ ବହୁତ ଆରାମରେ ଚଳିଯାନ୍ତି ତା ସହ ଭବିଷ୍ୟତ ପାଇଁ ମଧ୍ୟ ସଂଚୟ କରିକି ରଖନ୍ତି । ଆଗକୁ ଯାଇକି ଏକ ସୁନ୍ଦର ଘର କରିବା ଚାରିଚକିଆ ଗାଡି ଚଢିବା ଏବଂ ପିଲାଟିଏ ହେଲେ ତାକୁ ଉତ୍ତମ ଶିକ୍ଷା ଦେଇ ଭଲ ମଣିଷ କରିବା ସେମାନଙ୍କର ସ୍ୱପ୍ନ ଥାଏ ।



ଏମିତି ଦିନ ପରେ ଦିନ ବିତିଚାଲୁଥାଏ । ସ୍ୱାମୀ ସ୍ତ୍ରୀ ଭବିଷ୍ୟତ ର ସ୍ୱପ୍ନ ଦେଖି ବହୁତ ଆନନ୍ଦ ରେ ସମୟ ଅତିବାହିତ କରୁଥାନ୍ତି । ଦିନକର କଥା ହିଞ୍ଜିଳି ନଗରରେ ଗୋଟିଏ ସାହିରେ କିଛି ବିଦ୍ୟୁତ୍ ଜନିତ ବିଭ୍ରାଟ ଦେଖାଦେଲା ଏବଂ ଏହାକୁ ସମାଧାନ କରିବା ପାଇଁ ବିକାଶ ସେଠି ପହଂଚିଗଲା । ବହୁତ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦଥିବାରୁ ଲୋକମାନେ ବି ବ୍ୟତିବ୍ୟସ୍ତ ହୋଇସାରିଥିଲେ । ବିକାଶକୁ ଦେଖି ଲୋକମାନେ ବି ଅଶାନ୍ତ ହୋଇଉଠିଲେ ଏବଂ ଜଲଦି ସମାଧାନ କରିବା ପାଇଁ କହିଲେ । ଲୋକଙ୍କର ଆବଭାବ ଦେଖି ବିକାଶ ବି ହଡବଡ଼ ହେଇ ସୁରକ୍ଷା ଉପକରଣ ସେଫଟି ବେଲ୍ଟ ପିନ୍ଧି ପୋଲ ଉପରକୁ ଚଢ଼ିଗଲା । ଲୋକମାନେ ତଳେ ଅପେକ୍ଷା କରି ରହିଥାନ୍ତି ହଠାତ ବିକାଶ ପୋଲ ଉପରେ ଚିତ୍କାର କରି ତଳକୁ ଝୁଲିପଡିଲା ।

ଲୋକମାନେ ତାକୁ ବହୁତ କଷ୍ଟରେ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତିକଲେ ଓ ତାର ସ୍ତ୍ରୀକୁ ମଧ୍ୟ ଖବର ଦେଲେ । ଖବର ନେବାରୁ ଜଣାପଡିଲା ଯେ ବିକାଶ ଯେଉଁ ପୋଲ ରେ କାମ କରୁଥିଲା ସେଥିରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇନଥିଲା ଏବଂ ସେ କାମ କରିବାକୁ ଗଲାବେଳେ ତାକୁ ବିଦ୍ୟୁତ୍ ଆଘାତ ଲାଗିଥିଲା । ବିଦ୍ୟୁତ୍ ଆଘାତ ଲାଗିବାରୁ ତାର ଅଧା ଶରୀର ଜଳିଯାଇଥିଲା ।

ଶୁଣ ବାରିକ ଅବୋଲକରା ତୁ ବଜାର ରେ ଯୋଉ ସୁନ୍ଦରୀ ସ୍ତ୍ରୀ ଦେଖିଲୁ ସେ ବିକାଶର ସ୍ତ୍ରୀ ଥିଲା ଆଉ ସେ ଜଳିଯାଇଥିବା ପୁରୁଷ ବିକାଶ ଥିଲା। ବିକାଶକୁ ଭଲ କରିବାପାଇଁ ଅଧିକ ପଇସା ଆଉ ଭଲ ଚିକିତ୍ସା ଦରକାର ଅଛି । ଭବିଷ୍ୟତ ପାଇଁ ସାଇତି ରଖିଥିବା ସମସ୍ତ ପଇସା ବି ପର୍ଯ୍ୟାପ୍ତ ହେଲାନାଇଁ ତେଣୁ ସେମାନେ ଏବେ ଲୋକମାନଙ୍କ ଠାରୁ ମାଗି ମାଗି ପଇସା ଏକାଠି କରୁଛନ୍ତି । କାହାଣୀ ଶୁଣିଲା ପରେ ଅବୋଲକରା ମନରେ ବହୁତ ପ୍ରଶ୍ନ ଆସିଲା ଓ ସେ ତାକୁ ଗୋଟାଏ ପରେ ଗୋଟାଏ ପଣ୍ଡିତ ସମ୍ରାଟଙ୍କୁ ପଚାରିବାକୁ ଲାଗିଲା । ବିକାଶ ଜଣେ ବିଦ୍ୟୁତ୍ କର୍ମଚାରୀ ଥିଲା ତ ବିଦ୍ୟୁତ୍ ସହ କିପରି କାମ କରିବାକୁ ହେବ ସେ କଥା ତ ତାକୁ ଜଣାଥିବ ତା ସହ କିପରି ଦୁର୍ଘଟଣା ଘଟିଲା ଆଉ ସେଠି ତ ବିଦ୍ୟୁତ୍ ସରବରାହ ଖରାପ ଥିଲା ତ ବିଦ୍ୟୁତ୍ କେଉଁଠୁ ଆସିଲା । ତାକୁ କଣ ତାଲିମ ଦିଆଯାଇନଥିଲା କି ଆଉ ବିଦ୍ୟୁତ୍ କାମରେ କଣ ସୁରକ୍ଷା ଥାଏ କି ।

ଏହା ଶୁଣି ସେଇଠୁ ପଣ୍ଡିତ ତାକୁ ବୈଦୁତିକ ସୁରକ୍ଷା ଓ ଦୁର୍ଘଟଣା ର ନିରାକରଣ ଉପାୟ ବିଷୟରେ ବୁଝେଇଲେ । କୌଣସି ବୈଦୁତିକ ଲାଇନକୁ ସ୍ପର୍ଶ କରିବା ଆଗରୁ ଭଲଭାବେ ପରଖିନେବା ଉଚିତ ଏବଂ ତା ପରେ ସୁରକ୍ଷା ବଳୟ ପ୍ରସ୍ତୁତ କରି ବୈଦୁତିକ କାର୍ଯ୍ୟ କରିବା ଉଚିତ । ଆଉ ହଁ ଉଚତାକୁ କାମ କରିବାକୁ ଗଲାବେଳେ ଉପଯୁକ୍ତ ସିଡ଼ି ସହ ସୁରକ୍ଷା ଉପକରଣ ପିନ୍ଧିକିବା ଉଚିତ । ଏ ସବୁକୁ ବୈଦୁତିକ ମୌଳିକ ସୁରକ୍ଷା ନିୟମ କୁହନ୍ତି । ସଦାବେଳେ ଏ ସବୁ ଜିନିଷ ତାଲିମ ମାଧ୍ୟମରେ ବିକାଶ କୁ ଜଣାଯାଉଥିଲା ଏବଂ ସବୁ ସୁରକ୍ଷା ସରଞ୍ଜାମ ମଧ୍ୟ ତା ସହ ରହୁଥିଲା କିନ୍ତୁ ଅତି ଆତ୍ମବିଶ୍ୱାସ ଲାଗି ବିକାଶ ଏ ସବୁକୁ ମାନିନଥିଲା ଯେଉଥିପାଇଁ ତା ସହ ଏତେ ବଡ ଦୁଖଦଃ ଘଟଣା ଘଟିଗଲା । ହୁଏତ କାମ କରିବାରେ ଆଉ କିଛି ମୁହୂର୍ତ ବିଳମ୍ବ ହୋଇଯାଇଥାନ୍ତା କିନ୍ତୁ ସେ କିଛି ମୁହୂର୍ତ ପାଇଁ ତାର ସାର ଜୀବନ ଅନ୍ଧକାର କୁ ଚାଲିଗଲା । ତାର ସ୍ୱପ୍ନ ପାଇଁ ସାଇତା ହୋଇଥିବା ସବୁ ଅର୍ଥ ତାର ଭୁଲ ପାଇଁ ଚିକିତ୍ସା ରେ ପଳେଇଗଲା । କାଲି ଯେଉଁ ସ୍ତ୍ରୀ ସହ ହସଖୁସିରେ ସମୟ ବିତାଉଥିଲା ଆଜି ତାକୁ ନେଇକି ଦ୍ୱାର ଦୁଆର ଯିବାକୁ ପଡିଲା । ଏତିକି ବେଳକୁ ଅବୋଲକରାର ଆଖି ଛଳ ଛଳ ହୋଇଆସିଥିଲା । ସେ ପ୍ରତିଜ୍ଞା କଲା ଯେ ଯଦି କାହାକୁ ବିପଦ ସଂକୁଳ ଭାବେ କାମ କରିବାର ଦେଖିବ ତେବେ ନିଶ୍ଚିତ ତାକୁ ଅଟକେଇବ, ସେତିକି ବେଳକୁ ଯିବାର ବେଳ ଆସିଯାଇଥାଏ । ତେଣୁ ପଣ୍ଡିତ କହିଲେ "ଅବୋଲକରା ଶୁଣିଲୁତ କଥାର ସାର, ଚାଲ ଆଗକୁ ଯିବା ଉଠା ଭାର" ।

## କାହାଣୀରୁ ସୁରକ୍ଷା ଶିକ୍ଷା

ଲେଖକ : ପ୍ରଦୀପ କୁମାର ନାୟକ

# ମିସ ୟୁ ..............

# ତୁମ ବିନା ମୁଁ ଏକା






ଏହି କାହାଣୀଟି ଏକ ସତ୍ୟ ଘଟଣା ଉପରେ ଆଧାରିତ।
ମନଦେଇ ଶୁଣିବେ କାହାଣୀଟିଏ ଦୁଇ ଜଣ ଘନିଷ୍ଠ ବନ୍ଧୁ ଉପରେ ଆଧାରିତ । ଦୁଇ ବନ୍ଧୁ ହାଡ଼ିଆ ଏବଂ ମନୁଆ ଏକ ବେସରକାରୀ ସଂସ୍ଥା ରେ ଲାଇନ୍ ମ୍ୟାନ୍ ଏବଂ ହେଲପର ଭାବରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ । ଲାଇନ୍ ମ୍ୟାନ୍ ହାଡ଼ିଆ ଯାହାକୁ ଲୋକେ ଅନ୍ଧାର ସମୟରେ ଜହ୍ନର ଆଲୋକ ଭାବେ ସମସ୍ତେ ମନେ ପକାନ୍ତି । ଯେତେବେଳେ ବର୍ଷା ପବନରେ ବାହାରେ ଥିବା ଲୋକ ଘରମୁହାଁ ହୁଅନ୍ତି, ସେତେବେଳେ ହାଡିଆ ଘରୁ ବାହାରି ଯାଏ ସମାଜର ସେବା ପାଇଁ ।



ସେ ଦିନ ଜରୁରୀକାଳୀନ କାମ ଥିବାରୁ ତରବର ହୋଇ ବାହାରି ଯାଇଥିଲା ମନୁଆ ସହିତ କାମ କରିବା ପାଇଁ । ନିୟମ ଅନୁସାରେ ହାଡ଼ିଆ ର କାମ ଏବଂ ମନୁଆ ର କାମ ପୁରା ଅଲଗା ଅଲଗା ,ହେଲେ ହାଡ଼ିଆ ତାର କାମ ନ କରି ମନୁଆ କୁ କୁହେ ଲାଇନ୍ ମ୍ୟାନ୍ ଭଳି କାମ କରେ । କିନ୍ତୁ ବିଧିର ବିଧାନ ଥିଲା କିଛି ଅଲଗା ସେ ଦିନ ମନୁଆ କାମ କରିବାକୁ ମନା କରିବାରୁ ହାଡ଼ିଆ ନିଜେ ତରବର ହୋଇ କିଛି ବି ସୁରକ୍ଷା ଉପକରଣ ବ୍ୟବହାର ନ କରି ଲାଇନ କ୍ଲିୟରାନ୍ସ ନ ଥାଇ ଖୁଣ୍ଟ ଉପରକୁ ଚଢ଼ିଗଲା ।



ଲାଇନ ଚାର୍ଜ ଥିବା ହେତୁ ହାଡ଼ିଆ ବିଦ୍ୟୁତ ଆଘାତ ପାଇଥିଲା ଏବଂ କିଛି ଚିନ୍ତା କରିବା ଆଗରୁ ତାର ପ୍ରାଣ ବାୟୁ ଉଡିଯାଇଥିଲା । ଏହି ଘଟଣା ପରେ ତାର ପରିବାର,ବିଦ୍ୟୁତ ବିଭାଗ ଏବଂ ପୁରା ସମାଜ ସ୍ତବ୍ଧ ହୋଇଯାଇଥିଲା । ଏକ ବାପା ତା ପୁଅ କୁ ହରେଇଲା ଏବଂ ଗୋଟେ ସ୍ତ୍ରୀ ତା ସ୍ଵାମୀ କୁ ଏବଂ କୁନି ପୁଅ ବାପା ଛେଉଣ୍ଡ ହେଇଗଲା । ସୁରକ୍ଷା ଉପକରଣ ଓ ନିୟମରକୁ ପାଳନ ନକରିବା ଦ୍ଵାରା ତା ପାଇଁ ଯମଦ୍ୱାରକୁ ରାସ୍ତା ଖୋଲିଗଲା ଏବଂ ସେ ତାର ପ୍ରିୟ ସାଥୀ ମନୁଆ କୁ ସବୁଦିନ ପାଇଁ ମିସ ୟୁ କହି ସମସ୍ତଙ୍କୁ ଛାଡି ଚାଲିଗଲା।





ଏଣୁ ଆପଣ ମାନଙ୍କୁ ମୁଁ ମନୁଆ ହାତ ଯୋଡି ଅନୁରୋଧ କରୁଛି ଯେ ବିଦ୍ୟୁତ ରେ କାମ କରିବା ସମୟରେ ସୁରକ୍ଷା ପ୍ରତି ସାବଧାନ ରହିବା ଏବଂ ଟିପିଏସଓଡିଏଲ ର ସମସ୍ତ ନିୟମ କୁ ମାନି କାମ କରିବା ଏବଂ ଯମଦ୍ବାରକୁ ଯାଇଥିବା ରାସ୍ତାକୁ ଏଡାଇ ଦେଇପାରିବା ସହିତ ଆମେ ସମସ୍ତେ ହାଡ଼ିଆ ଭଳି ଆଉ କାହାକୁ ହରେଇବା ନାହିଁ ।

**ମିସ ୟୁ ହାଡ଼ିଆ ।**

ଇତି ,
ତୁମର ପ୍ରିୟ - ମନୁଆ

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

## କାହାଣୀରୁ ସୁରକ୍ଷା ଶିକ୍ଷା

ଲେଖକ : ନରୋଉମ୍ ବେଉରା

# ବେତାଳ କହେ ବିଭୁତିର କାହାଣୀ



ରାତିର ଶାନ୍ତ ପରିବେଶରେ ଚାରିଆଡ ଘନ ଅନ୍ଧକାରରେ ରାତି ବଢି ବଢି ଚାଲିଥାଏ | ଝିଙ୍କାରିର ଝିନ ଝିନ ଶବଦ କାନକୁ ସ୍ତବ୍ଧ କରିଦେଉଥାଏ | ତୁହାକୁ ତୁହା ଶୀତଳ ପବନ ସାଙ୍ଗକୁ ଥୋପାଏ ଥୋପାଏ ବର୍ଷା ପଡୁଥାଏ | ବଣବୁଦା ଭିତରୁ ଭାସି ଆସୁଥାଏ ସାଇଁ ସାଇଁ ଶବ୍ଦ | କୁକୁର ବିଲୁଆ ସାଙ୍ଗକୁ ନାନା ବନଜୀବଙ୍କର ରଡି ସାଙ୍ଗକୁ ଭୁତ ପିଶାଚଙ୍କର ଅଟ୍ଟହାସ୍ୟ ଶବଦ | ମଝିରେ ବିଜୁଳି ଆଲୁଅରେ ଭୟାନକ ଚେହେରା ସବୁ ଝଲସି ଉଠୁଥାଏ | କିନ୍ତୁ ରାଜା ନରୋଉମ ଏସବୁ କୁ ତିଳେମାତ୍ର ଖାତିର ନ କରି ଆଗକୁ ବଢୁଥାନ୍ତି | ହଠାତ ତାଙ୍କର ସାମ୍ନା ହୋଇଯାଏ ଏକ ବୃକ୍ଷରେ ଓହଳିରହିଥିବା ପିଶାଚ ସହ | ରାଜପ୍ରାସାଦ ର ସୁଖ କୁ ଉପଭୋଗ ନକରି ଏ ବନ ରେ ଏକାକୀ ବୁଲିବାର ଦେଖି ପିସାଚଟି ରାଜାଙ୍କ ସଜାଗ ଉଡାଏ କିନ୍ତୁ ରାଜା ତିଳେ ହିଁ ଖାତିର ନ କରି ଯେତେବେଳେ ଆଗକୁ ବଢନ୍ତି ସେତେବେଳେ ପିଶାଚଟି ସାଙ୍ଗରେ ଯିବାକୁ ଜିଦ ଧରେ | ରାସ୍ତାରେ ଏକୁଟିଆ ପଣକୁ ଭୁଲି ସଂଗତ ଦେବାପାଇଁ ରାଜନ ବି ସାଥିରେ ନେବାକୁ ରାଜି ହୋଇଯାନ୍ତି | ଆଗକୁ ବଢ଼ନ୍ତେ ପଥକଷ୍ଟ ଲାଘବ ପାଇଁ ପିସାଚଟି ରାଜାଙ୍କୁ ଏକ କାହାଣୀ ଶୁଣାଏ ଏବଂ ମନଦେଇ ଶୁଣିବାକୁ କୁହେ |



ଏକ ଗ୍ରାମରେ ବିଭୁତି ନାମକ ଜଣେ ଯୁବକ ତାର ସ୍ତ୍ରୀ ଏବଂ ତାର ଗୋଟେ ପୁଅ ସହ ରହୁଥାଏ | କହିବାକୁ ଗଲେ ମାତ୍ର ତିନିଜଣକୁ ନେଇ ହିଁ ତାର ପରିବାର ଓ ହସ ଖୁସିର ଦୁନିଆ | ବିଭୁତି ଜଣେ ପରୋପକାରୀ ସଚୋଟ ଏବଂ ଦୟାଳୁ ବ୍ୟକ୍ତି ଥିଲା ତା ସହିତ ବିଦ୍ୟୁତ୍ ବିଭାଗରେ ମଧ କର୍ମଚାରୀ ଥିଲା ସେଥିପାଇଁ ତାର ଆଖ ପାଖ ଗାଁ ରେ ବି ବହୁତ ଭଲ ନାମ ଥିଲା | ଲୋକଙ୍କର ସୁବିଧା ଅସୁବିଧା ଆଉ ବିବାହଠୁ ଆରମ୍ଭ କରି ଗାଁରେ ଯାନିଯାତ୍ରା ହେଲେ ସବୁଠି ଆଗରେ ଲୋକ ବିଜୁଳି ସଂଯୋଗ ପାଇଁ ତାକୁ ଖୋଜୁଥିଲେ | ସେ ବି ଦିନରାତି କିଛି ନଦେଖି ଲୋକଙ୍କର ସୁବିଧା ପାଇଁ ସବୁବେଳେ ହାଜର ହେଇଯାଉଥିଲା | ଏକମାତ୍ର ପୁଅକୁ ଭଲ ମଣିଷ କରିବା ଆଉ ଭଲ ପାଠପଢାଇ ବଡ ହାକିମ କରିବା ପାଇଁ ସ୍ୱାମୀ ସ୍ତ୍ରୀ ମଧ ବହୁତ ସ୍ବପ୍ନ ଦେଖିଥିଲେ |



ଯେହେତୁ ବିଭୁତି ବହୁତ ଦିନ ହେଲା କାମ କରିଆସୁଥିଲା ତାର ଭଲ ରୋଜଗାର ଥିଲା ଆଉ ତାର ଏହି ସ୍ୱପ୍ନ ପୂରଣ ପାଇଁ ଆଗକୁ କିଛି ଅସୁବିଧା ମଧ ନଥିଲା | ଏହିଭଳି ଭାବରେ ବହୁତ ସୁଖ ସ୍ବଛନ୍ଦରେ ତାର ସମୟ ଗୁଡିକ ନିଜର ସ୍ତ୍ରୀ ଆଉ ପୁଅ ସହିତ ଅତିବାହିତ ହେଇଯାଉଥିଲା | ସମୟର ଅତିବାହିତ ସାଙ୍ଗକୁ କାର୍ଯ୍ୟ କରିବାର ଅଭ୍ୟାସ ଏବଂ ଦକ୍ଷତା ବିଭୁତିକୁ ସେ ଆଖ ପାଖ ଅଂଚଳରେ ବହୁତ ସୁନାମ ଆଣିଦେଲା | ଯେ କୌଣସି ବିଦ୍ୟୁତ୍ ଅସୁବିଧାକୁ ବହୁତ କମ ସମୟରେ ସେ ସମାଧାନ କରିଦେଇଥାଏ ସେଥୀ ପାଇଁ ସବୁ ତା ଉପରେ ବହୁତ ଖୁସି ମଧ ଥିଲେ |


TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

## କାହାଣୀରୁ ସୁରକ୍ଷା ଶିକ୍ଷା

# ବେତାଳ କହେ ବିଭୁତିର କାହାଣୀ




ଦିନକର ଘଟଣା  କୌଣସି କାରଣରୁ କିଛି ଅସୁବିଧା ହେତୁ ଗ୍ରାମକୁ ବିଜୁଳି ସଂଯୋଗ ଆସୁନଥିଲା ଏବଂ ଲୋକମାନେ ଜାଣିବାପରେ ବିଭୁତିକୁ ଖବର ଦେଲେ | କୁଶଳୀ ବିଭୁତି ଖୁବ କମ ସମୟ ଭିତରେ ଏକ ବୈଦୁତିକ ପୋଲ ଉପରେ କିଛି ଅସୁବିଧା ଥିବାର ଜାଣିପାରିଲା | ତୁରନ୍ତ କାର୍ଯ୍ୟ ସମ୍ପର୍କରେ ବିଭୁତି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଲା ଆଉ ତାପରେ ତାଙ୍କ ନିର୍ଦେଶ କ୍ରମେ ସେ ତାର ସମସ୍ତ ସହକର୍ମୀଙ୍କୁ ସହଯୋଗ ପାଇଁ ଖରାପ ହୋଇଥିବା ଜାଗାରେ ସମସ୍ତ ସୁରକ୍ଷା ଉପକରଣ ଏବଂ ମରାମତି ଉପକରଣ ସହ ଉପସ୍ଥିତ ହେବାକୁ ଅନୁରୋଧ କଲା | ଲୋକଙ୍କର ଅସୁବିଧା କିପରି ଶୀଘ୍ର ସମାଧାନ ହେବ ସେଥିପାଇଁ ବିଭୁତି ଓ ତାର ସହକର୍ମୀମାନେ ତତ୍ପର ହୋଇ କାମରେ ଲାଗିପଡ଼ିଲେ |




ବିଭୁତି ଏବଂ ତାର ଏକ ସହଯୋଗୀ ସୁରକ୍ଷା ଉପକରଣ ସେଫଟି ବେଲ୍ଟ ଲାଇନର ସିଡ଼ି ଦ୍ଵାରା ପୋଲ ଉପରକୁ ଗଲେ ଏବଂ ସେଠି ମରାମତି ସରିବାପରେ ତାର ଓହଳିଯିବା ଦେଖି ତଳେ ଥିବା ବାକି ସାଥୀମାନଙ୍କୁ ତାରକୁ ଟାଣିବାକୁ କହିଲେ |



ପୋଲ ଉପରେ ବିଭୁତି ଓ ତାର ଜଣେ ସାଥି କାମକରୁଥାନ୍ତି  ଆଉ ବାକି ସହକର୍ମୀ ସବୁ ତଳେ ରହି ଝୁଲିରହିଥିବା ତାରକୁ ଟାଣି ସଜାଡି ଦୃଢ ଭାବେ ରଖିବାକୁ ସହାୟତା ପ୍ରଦାନ କରୁଥାନ୍ତି | ହଠାତ କଡ଼ମଡ଼ ଶବ୍ଦ କରି ପୋଲଟି ଭାଙ୍ଗିତଳେ ପଡିଗଲା | ବିଭୁତି ଓ ତାର ସାଥି ସେଫଟି ବେଲ୍ଟ ପିନ୍ଧିଥିବା ଯୋଗୁଁ ତଳେ ହଠାତ ନ ପଡି ପୋଲ ରେ ମାଡ଼ ହୋଇ  ଆଘାତ ପାଇଲେ  ଏବଂ ପରେ ତଳେ ପଡିଗଲେ | କିଛି ସମୟ ପାଇଁ ସମସ୍ତେ ସ୍ତବ୍ଧ ହୋଇଗଲେ ଅଚାନକ କଣ ସବୁ ଘଟିଗଲା | ସଙ୍ଗେ ସଙ୍ଗେ ବିଭୁତି ଓ ତାର ସହକର୍ମୀଙ୍କୁ ସମସ୍ତେ ଚିକିସ୍ଛାଳୟକୁ ନେଇଗଲେ | ଡାକ୍ତର ବହୁ ପରୀକ୍ଷା ନିରୀକ୍ଷା ପରେ ବିଭୁତିଙ୍କର ଗୋଡ ଏବଂ ତାଙ୍କ ସହକର୍ମୀଙ୍କର ହାତ କାଟିବାକୁ ନିଷ୍ପତ୍ତି ନେଲେ |





**TPSODL**

**TP SOUTHERN ODISHA DISTRIBUTION LIMITED**

(A Tata Power and Odisha Government Joint Venture)

## କାହାଣୀରୁ ସୁରକ୍ଷା ଶିକ୍ଷା

# ବେତାଳ କହେ ବିଭୁତିର କାହାଣୀ



ଏତିକିରେ ପିଶାଚ କାହାଣୀ ବନ୍ଦକରି ରାଜା  ଙ୍କୁ ପଚାରିଲା ଯେ ହେ ରାଜନ ତୁମେତ ମୋର ସମ୍ପୂର୍ଣ କାହାଣୀ ଶୁଣିଲ ଏବେ ମୋର କିଛି ସନ୍ଦେହ ଦୂର କର | ବିଭୁତି ତ ଜଣେ କୁଶଳୀ ଏବଂ ଦକ୍ଷ କର୍ମଚାରୀ ଥିଲା , ତା ସହ କିପରି ଏହି ଦୁର୍ଘଟଣା ଘଟିଗଲା | ସେ ପରୋପକାରୀ ସହ ଜଣେ ଦୟାଳୁ ବ୍ୟକ୍ତି ଯିଏ କାହାର ଖରାପ ଚିନ୍ତା କରୁନଥିଲା ତେବେ ତା ସହ କିପରି ଏପରି ଖରାପ ଦୁର୍ଘଟଣା ଘଟିଗଲା | ହୁଏ ତ ସେ ଯଦି ସୁରକ୍ଷା ଉପକରଣ ବ୍ୟବହାର କରିନଥାନ୍ତା ତେବେ ହୁଏତ ଭାଙ୍ଗିବା ଶବ୍ଦ ଶୁଣି ତଳକୁ ଡେଇଁପଡ଼ିଥାନ୍ତା |



ବର୍ତ୍ତମାନ ବିଭୁତି ଓ ତାହାର ସ୍ତ୍ରୀର ସେମାନଙ୍କ ପୁଅ ପାଇଁ ଦେଖିଥିବା ସ୍ୱପ୍ନ ର କଣ ହେବ | ଶାରୀରିକ ଭାବେ ଅକ୍ଷମ ବିଭୁତି କେମିତି ତା ପରିବାର ଚଳେଇବ |  ରାଜା ଏତେ ସବୁ ପ୍ରଶ୍ନ ଏକାବେଳେ ଶୁଣି ପିସାଚକୁ ଶାନ୍ତ ହେବାକୁ କହିଲେ | ରାତ୍ର ସରିଆସୁଥାଏ ଏବଂ ରାଜା ମଧ ନିଜ ପ୍ରସାଦ ପାଖାପାଖି ଆସିଯାଇଥାନ୍ତି | ସେ ଏକ ବଡ ଗଛ ମୂଳରେ ଦୀର୍ଘ ଶ୍ୱାସ ଛାଡି ବସିଗଲେ ଏବଂ ପିଶାଚର ପ୍ରଶ୍ନର ଉତ୍ତର ରଖିବାକୁ ଚେଷ୍ଟା କଲେ |



ହେ ପିଶାଚ ତୁମ ହିସାବରେ ବିଭୁତି ଜଣେ ବହୁତ ଭଲ ଲୋକ ଥିଲେ କିନ୍ତୁ ଘଟଣା ଦୁର୍ଘଟଣା କେବେ ଏସବୁ ଦେଖି ହୋଇନଥାଏ | ସେ ତ ଅପ୍ରତ୍ୟାଶିତ ଓ ଅତର୍କିତ ଭାବରେ ହୋଇଥାଏ | ଆଉ ତୁମେ ଯେପରିକି କହୁଚ କି ସେ ଡେଇଁପଡ଼ିଥାନ୍ତା ହୁଏ ତ ଏତେ ଉଚ୍ଚରୁ ତଳକୁ ପଡି ତାର ପ୍ରାଣ ବାୟୁ ଉଡିଯାଇଥାନ୍ତା ସେହି ସେଫଟି ବେଲ୍ଟ ହିଁ ତାର ପ୍ରାଣ ରକ୍ଷା କଲା | ବିଭୁତିଙ୍କର କାର୍ଯ୍ୟ କରିବାର ଅନୁଭୂତି ଓ ଅଭିଜ୍ଞତା ଅନେକ ହେତୁ ତାଙ୍କର ଅତି ଆତ୍ମବିଶ୍ୱାସ ଲାଗି ବହୁତ କିଛି ଅଣଦେଖା କରିଦେଇଥିଲେ |

ଯେପରିକି ପୋଲ ଉପରକୁ ଚଢିବା ଆଗରୁ ତାକୁ ଭଲ ଭାବେ ଯାଞ୍ଚ କରିବା, ପୋଲ ରେ କିଛି ଟଣାଟଣି କାମ କଲାବେଳେ ସେଥିରେ ଷ୍ଟେ ସପୋର୍ଟ ଦେବା , ପୋଲ ଯଦି ନଇଁ ଯାଇଥିବ ସେଥିରେ ଅଧିକ ବଳ ପ୍ରୟୋଗ ନ କରିବା , ଯେଉଁ ଲୋକ ମାନେ ଟାଣିବା ପାଇଁ ନିଯୁକ୍ତ ହୋଇଥାନ୍ତି ତାଙ୍କୁ ଉପଯୁକ୍ତ ପର୍ଯ୍ୟବେକ୍ଷଣ ସହ ନିର୍ଦ୍ଦେଶ ଦେବା, ଯଥା ସମ୍ଭବ ଜଣଙ୍କ ଦ୍ୱାରା କାର୍ଯ୍ୟକୁ ସମ୍ପାଦନ କରିବା ମାନେ ପୋଲ ଉପରେ ଅଧିକ ଲୋକଙ୍କୁ ନିଯୁକ୍ତ ନ କରିବା ଇତ୍ୟାଦି  ଆଉ ଏ ସବୁ କୁ ଜେଏସଏ ଅବା ଜବ ସେଫଟି ଆନାଲିସିସ କୁହନ୍ତି | ଯଦି କାର୍ଯ୍ୟ କରିବା ଆଗରୁ ବିଭୁତି ଏବଂ ସହକର୍ମୀମାନେ ଏ ସବୁ ଉପରେ କିଛି ମାତ୍ର ସମୟ ଧ୍ୟାନ ଦେଇଥାନ୍ତେ ତେବେ ଏ ସବୁ ଅସୁବିଧାକୁ ଏଡାଇ ଯାଇପାରିଥାନ୍ତା | ଏସବୁ ଶୁଣିଲା ପରେ ପିଶାଚ ଖୁସି ହୋଇଗଲା ଏବଂ ରାଜାଙ୍କ ଜ୍ଞାନ ଦେଖି ପ୍ରଂଶସା କଲା | ସେତେବେଳକୁ ସକାଳ ହୋଇ ଆସୁଥିବା ଦେଖି ପିଶାଚ ରାଜାଙ୍କ ପାଖରୁ ବିଦାୟ ନେଇ ଚାଲିଗଲା ଏବଂ ପୁଣି ଦେଖା କଲେ ଅନ୍ୟ ଏକ କାହାଣୀ ଶୁଣିବାକୁ କଥା ଦେଇଗଲା |



## କାହାଣୀରୁ ସୁରକ୍ଷା ଶିକ୍ଷା

ଲେଖକ : ପ୍ରୀତମ କୁମାର ସାହୁ

# ଶେଷ କନେକ୍ସନ୍



ବିଦ୍ୟୁତ୍ ବିଭାଗରେ ବସନ୍ତ ଜଣେ କୁଶଳ ଶ୍ରମିକ ଥିଲେ ତାଙ୍କର ବିଶେଷ କରି ଦକ୍ଷତା ମିଟର ରିପ୍ଲେସମେନ୍ଟ କାର୍ଯ୍ୟରେ ଥିଲା । ସେ ଥିଲେ ଉକୁମ୍ବା ଗ୍ରାମର ବାସିନ୍ଦା । କିଛି ବର୍ଷର ତାଙ୍କର କାର୍ଯ୍ୟର ଦକ୍ଷତା ହେବାପରେ ତାଙ୍କର ନିଜ ଆତ୍ମବିଶ୍ୱାସ ବଢିବାରେ ଲାଗିଲା  ଏବଂ ସୁରକ୍ଷା ପଦ୍ଧତି ଏବଂ ନିୟମ ଗୁଡିକୁ ଅବମାନନା କରି କାର୍ଯ୍ୟ ଆରମ୍ଭ କରୁଥିଲେ ।

ଯେପରି ନିଜ କାମ ଛାଡ଼ି ନୂଆ ମିଟର ସର୍ଭିସ କନେକ୍ସନ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ସେସଦିନ ଥିଲା ୧୧.୦୬.୨୦୨୨ ସମୟ ପ୍ରାୟ ସକାଳ ୮.୩୦ ରେ ତାଙ୍କ ସୁପରଭାଇଜରଙ୍କ ପାଖକୁ ଫୋନ ଆସିଥିଲା କି ଉକୁମ୍ବା ଗ୍ରାମରେ ଜଣେ ନୂଆ ଗ୍ରାହକଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ।





ଏହା ପରେ ଯେତେବେଳେ ବସନ୍ତ ଭାଇ ଏ ଖବର ଶୁଣିଲେ ଏବଂ ସେ ମଧ ଉକୁମ୍ବା ଗ୍ରାମର ବାସିନ୍ଦା ହେଇଥିବାରୁ ତାଙ୍କର ଆଗ୍ରହ ଆହୁରି ବଢିଯାଇଥିଲା। ଏବଂ କିଛି ବନ୍ଧୁ ସେ ଗ୍ରାମର ହୋଇଥିବା ରୁ ତାଙ୍କୁବି ସେ ଫୋନ୍ କରି ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଆସୁଛି ବୋଲି କହିଲେ । ଏହା ପରେ ଦୁହେଁ ସୁପରଭାଇଜର ଏବଂ ବସନ୍ତ ଭାଇ ନିଜ ଦୁଇ ଚକିଆ ଯାନରେ ସେ ସ୍ଥାନକୁ ଗାଡି ଧରି ବାହାରି ଗଲେ ।



ସେଠାରେ ପହଁଞ୍ଚି ଗ୍ରାହକଙ୍କର ନୂଆ କନେକ୍ସନ ଦେବା କାର୍ଯ୍ୟବି ଆରମ୍ଭ କରିଥଲେ । କାର୍ଯ୍ୟ ପଦ୍ଧତି ଅନୁସାରେ ବସନ୍ତ ଭାଇ ଏକ ସିଡ଼ି ଯୋଗେ ବିଦ୍ୟୁତ୍ ଖୁଣ୍ଟି ଉପରକୁ ଚଢି କାର୍ଯ୍ୟ କରୁଥୁଲେ ଏବଂ ନିଜ ଫୁଲ୍ ବଡ଼ି ହାରନେସ୍ କୁ ମଧ ବ୍ୟବହାର କରୁଥିଲେ ତା ସହିତ ନିଜ ହାତରେ ମଧ ଏଟ୍‌ଟି ହ୍ୟାଣ୍ଡ ଗ୍ଲୋବସ୍ ବ୍ୟବହାର କରି କାର୍ଯ୍ୟ କରୁଥିଲେ ।

ଏଥି ସବୁ ମଧ ରେ ବସନ୍ତ ଭାଇ ଏହି କାର୍ଯ୍ୟ ର ଦକ୍ଷତା ନଥାଇ ମଧ ନିଜର ଆତ୍ମବିଶ୍ୱାସ ଯୋଗୁଁ କାର୍ଯ୍ୟ ଆରମ୍ଭ କରିଦେଇଥିଲେ କିନ୍ତୁ ସେଦିନ ବିଧିର ବିଧାନ ଥିଲା କିଛି ଅଲଗା ।

କାମ କରୁ ଥିବା ସମୟରେ ହଟାତ ତାଙ୍କର ଡାହାଣ ପଟର କହୁଣି (ଯେଉଁଠି ହ୍ୟାଣ୍ଡଗ୍ଲୋବସ୍ ସରିଛି) ଠିକ୍ ସେହି ସ୍ଥାନଟି ତାଙ୍କର ଏଲଟି ବିଦ୍ୟୁତ୍ ତାର ସହିତ ସ୍ପର୍ଶ ହୋଇଗଲା ଏବଂ ସେହି ବିଦ୍ୟୁତ୍ ଖୁଣ୍ଟି ଉପରେ ସେହି ଫୁଲ୍ ବଡ଼ି ହାରନେସ୍ ଯୋଗୁଁ ଝୁଲି ରହିଲେ ଏବଂ ଏହା ଦେଖି ତୁରନ୍ତ ଗ୍ରାମବାସୀ ଓ ସୁପରଭାଇଜର ଯୋଗେ ତାଙ୍କୁ ତଳକୁ ଓହ୍ଲାଇ ଡାକ୍ତରଖାନା କୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଥିଲେ ।

ଏହି ଖବର ଶୁଣିବା ପରେ ତାଙ୍କ ପରିବାର ଲୋକେ ମର୍ମାହତ ହୋଇ ଗୋଟିଏ କଥା କହିଥୁଲେ ଆମେ ଆମ କୁଳନନ୍ଦନ କୁ ହରାଇଲୁ କିନ୍ତୁ ବିଦ୍ୟୁତ୍ ବିଭାଗର ସମସ୍ତ ଭାଇ ମାନଙ୍କୁ ଅନୁରୋଧ କରି କହୁଛୁ ସର୍ବଦା ସୁରକ୍ଷା ନିୟମ ଗୁଡିକୁ ମାନି କାର୍ଯ୍ୟ କରିବେ ଏବଂ ଯେଉଁ କାର୍ଯ୍ୟରେ ଯାହାର ଯାହା ଦକ୍ଷତା ଅଛି ଏବଂ ତାଲିମ ସିଏ ସେହି କାର୍ଯ୍ୟ କରନ୍ତୁ । ତାହାଲେ ହିଁ ଆମେ କାର୍ଯ୍ୟ କ୍ଷେତ୍ରରୁ ସୁରକ୍ଷିତ ଭାବେ ଘରକୁ ଫେରି ପାରିବେ ।

**ପ୍ରତ୍ୟେକ କାର୍ଯ୍ୟ ପାଇଁ ଉପଯୁକ୍ତ ବ୍ୟକ୍ତି**

**(ଯେ ପର୍ଯ୍ୟନ୍ତ ଆପଣ କୌଣସି କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ସେ କାର୍ଯ୍ୟ କରନ୍ତୁ ନାହିଁ)**

## କାହାଣୀରୁ ସୁରକ୍ଷା ଶିକ୍ଷା

# ସାରୁଆପଲ୍ଲୀ ରାମୁର କଥା

ଲେଖକ : ନୀଲାଦ୍ରୀ ପ୍ରସାଦ ମହାପାତ୍ର




ସାରୁଆପଲ୍ଲୀ ଗ୍ରାମର ଶେଷ ମୁଣ୍ଡରେ ଥିବା ବରଗଛ ପାଖରେ ହେଉଛି ରାମୁର ଘର । ରାମୁର ବୟସ ମାତ୍ର ଅଠର ବର୍ଷ । ରାମୁର ପରିବାର କହିଲେ କେବଳ ତାର ବାପା , ପିଲା ଟି ଦିନ ରୁ ସେ ତା ମା'ଙ୍କୁ ହରାଇଛି ,ବାପାଙ୍କ କୋଳରେ ବଡ ହୋଇଛି । ରାମୁ ବହୁତ ଭଲ ପିଲା , ଗ୍ରାମରେ ସମସ୍ତଙ୍କୁ ବହୁତ ସାହାଯ୍ୟ କରେ, ରାମୁ ଭଲ ପାଠ ପଢିବା ସହିତ ନିଜ ବାପାଙ୍କୁ ବିଲ କାମରେ ମଧ୍ୟ ସାହାଯ୍ୟ କରେ ।

ରାମୁର ସାଙ୍ଗ ହେଲେ ବଦ୍ରି ଏବଂ ସୁର, ବଦ୍ରି ସ୍ୱଭାବରେ ବହୁତ ଦୁଷ୍ଟ ,.ୟା ତା ବାଡ଼ିରୁ ଶାଗ ଆଉ କାକୁଡି ଚୋରି କରିବା ତା ପ୍ରକୃତି । ଦିନେ ବଦ୍ରି ତା ଦୁଇ ସାଙ୍ଗଙ୍କୁ ଡାକି ମନ୍ଦ ଯୋଜନା ବିଷୟରେ ଜଣାଇଲା ଯେ  କେମିତି ବାରାହା ଶିକାର କରିବା ଗାଁ ପାଖ ଜଙ୍ଗଲରୁ । ଯୋଜନା ହେଲା ପାଖରେ ଥିବା ୧୧ କେଭି ବିଦ୍ୟୁତ୍ ଲାଇନ ରୁ ହୁକ ପକେଇ ଜି.ଆଇ ତାର ବିଛାଇ  ବାରାହା କୁ ଶିକାର କରିବା । ରାମୁ ଘରେ ପହଞ୍ଚି ଏହି ଯୋଜନା ବିଷୟରେ ତା ବାପାଙ୍କୁ ଜଣେଇଲା ।



ରାମୁର ବାପା ରାମୁର କଥା ଶୁଣି ଖୁବ ବିରକ୍ତ ହେଲେ ଏବଂ ରାମୁ କୁ ବୁଝାଇଲେ ଯେ ବାରାହା ଶିକାର କରିବା ପାଇଁ ବିଛାଇ ଥିବା ଜାଲ ରେ ଗୃହପାଳିତ ପଶୁ କିମ୍ବା ନିଜ ଗ୍ରାମ ଓ ପାଖ ଗ୍ରାମ ଲୋକେ ପଡି ଯାଇ  ନିଜ ଜୀବନ ହରାଇ ପାରନ୍ତି । ରାମୁ ବାପାଙ୍କୁ କହିଲା ସେ ଏହି କାମ କରିବ ନାହିଁ କିନ୍ତୁ  ବାରାହା ର ପ୍ରଲୋଭନ ରେ ପଡି ବାରାହା ବଣ ଭୋଜି କରିବା ଉଦେଶ୍ୟ ରେ ସେ ଆଉ ତାହାର ସାଙ୍ଗ ସେହି ଦିନ ରାତି ରେ ପାଖ ଜଙ୍ଗଲ ରୁ ବାରାହା ପାଇଁ ହୁକ ପାଇଁ ଜାଲ ବିଛେଇ ଆସିଲେ ଏବଂ କିଛି ଦୂରରେ ଆସି ଜଗି ବସିଲେ , ଲଗେଇ ଥିବା ବଲ୍ବଟି ଲିଭିଲେ ସେ ଯାଇକି ନିଜ ଶିକାର ନେଇ ଫେରିବେ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା । ସେଇ ଦିନ ରାତି ରେ ରାମୁ ର ବାପା ହରି ନିଜ ବିଲ ରେ ପାଣି ମଡ଼େଇବା ପାଇଁ ସେହି ବାଟ ଦେଇ ଯାଉଥିଲେ ।



ଠିକ ସେତିକି ବେଳେ ଲଗେଇ ଥିବା ବିଦ୍ୟୁତ୍ ବଲ୍ବ ଲିଭି ଯିବା ଦେଖି ରାମୁ ଓ ତା ଦୁଇ ସାଙ୍ଗ ସେଇ ଦିଗରେ ଧାଇଁଲେ ଏବଂ ଭାବିଲେ ଯେ ଗୋଟେ ବଡ ବାରାହା ବିଛେଇ ଥିବା ଜାଲରେ ପଡିଛି । ସେଠାରେ ପହଞ୍ଚି ଯେତେବେଳେ ରାମୁ ଦେଖେ ସେ ବିଛାଇ ଥିବା ଜାଲ ରେ ତା ବାପା ଲାଗି ଛଟପଟ ହଉଛନ୍ତି ।


ରାମୁ  ସଙ୍ଗେ ସଙ୍ଗେ ତା ବାପାଙ୍କୁ ନିକଟସ୍ଥ ଡାକ୍ତରଖାନା ନେଇଗଲା , ଡାକ୍ତର କହିଲେ ଯଦି ରୋଗୀକୁ ଆଣିବାରେ ଦୁଇ ମିନିଟ ବିଳମ୍ବ ହୋଇଥାନ୍ତା ଆମେ ତାଙ୍କୁ ବଞ୍ଚାଇ ପାରିନଥାନ୍ତୁ  କିନ୍ତୁ ସେ ଏବେ ଚଲାବୁଲା କରିପାରିବେ ନାହିଁ କି କଥା ମଧ୍ୟ କହି ପାରିବେ ନାହିଁ ।
ରାମୁ ଡାକ୍ତରଙ୍କୁ ପଚାରିଲା "ସେ ଏବେ ତା ବାପାଙ୍କୁ ଦେଖା କରିପାରିବ ତ " ? ଡାକ୍ତର ରାମୁ କୁ ଦେଖା କରିବା ପାଇଁ ଅନୁମତି ଦେଲେ ।

ରାମୁ ତା ବାପାଙ୍କ ଗୋଡ ପାଖରେ ବସିପଡି ଲୁହ ଛଲଛଲ ଆଖି ରେ କହିଲା ବାପା ମୋର ଭୁଲ ହେଇଯାଇଛି ,ବାପା ମୁଁ କିଛି ସମୟ ପାଇଁ ସ୍ୱାର୍ଥପର ହେଇଯାଇଥିଲି ଏବଂ କୁସଙ୍ଗରେ ପଡି ଏହି ଭୁଲ କରିବସିଲି ।
ବାପା ଆଜି ଆପଣଙ୍କର ଏପରି ଅବସ୍ଥା ପାଇଁ କେବଳ ମୁଁ ହିଁ ଦୋଷୀ ଏବଂ କୁସଙ୍ଗ ଛାଡ଼ି ଆପଣଙ୍କ ସେବା କରି ଆପଣଙ୍କୁ ସୁସ୍ଥ କରିବି ଏବଂ ଘରର ସବୁ ଦାୟିତ୍ୱ ନେବି ଏବଂ ଭଲ ପାଠ ପଢି ଭଲ ଚାକିରୀ କରି ଆପଣଙ୍କର ଏବଂ ଏହି ଗ୍ରାମର ନାମ ରଖିବି ।
ମୋର ସମସ୍ତ ଗ୍ରାମବାସୀଙ୍କୁ ଅନୁରୋଧ ଯେ ଆପଣ ମାନେ ବେଆଇନ ଭାବେ ବିଦ୍ୟୁତ୍ ଲାଇନ ରୁ ହୁକ ପକାଇ ଜଙ୍ଗଲ ଜୀବଜନ୍ତୁଙ୍କ ଶିକାର କରିବା ପାଇଁ ନିଜ ,ନିଜ ପରିବାର ,ନିଜ ଗ୍ରାମ ତଥା ଆଖ ପାଖ ଗ୍ରାମ ର ଲୋକ ତଥା ଗୃହପାଳିତ ପଶୁଙ୍କ ଜୀବନ ବିପଦରେ ପକାନ୍ତୁ ନାହିଁ " ।।

## କାହାଣୀରୁ ସୁରକ୍ଷା ଶିକ୍ଷା

ଲେଖକ : ମନ୍ମଥ ବେହେରା


# ମୋ ସୁରକ୍ଷା ମୋ ହାତରେ



ଗୋଟେ ଗାଁ ରେ ୨ ବନ୍ଧୁ ରହୁଥିଲେ ଜଣେ ହେଲା ଦୁର୍ବଳ ଆଉ ଜଣେ ସବଳ | ୨ ବନ୍ଧୁ TPSODL ଅନ୍ତର୍ଗତ ଏକ ବ୍ୟବସାୟିକ ସଂସ୍ଥା ରେ କାମ କରୁଥିଲେ | ସବଳ କୁଶଳୀ ଏବଂ ଦୁର୍ବଳ ଅଣକୁଶଳୀ ଭାବରେ ଏକ FCC ରେ କାର୍ଯ୍ୟରତ ଥିଲେ |



ଦିନେ କିଛି ଗ୍ରାମବାସୀ ତାଙ୍କ FCC କୁ ଆସିଲେ ଏବଂ ତାଙ୍କ ଗ୍ରାମ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଲାଇନର ଏକ ତାର ଛିଣ୍ଡି ଯାଇଥିବାର ଅଭିଯୋଗ କରିଲେ | ଏହା ଶୁଣି ସବଳ ଏବଂ ଦୁର୍ବଳ ତାଙ୍କ ଉପରସ୍ଥ ଅଧିକାରୀଙ୍କୁ ନ ଜଣେଇ କାର୍ଯ୍ୟକ୍ଷେତ୍ରକୁ ବାହାରିଗଲେ ଏବଂ ସାଙ୍ଗରେ ନିକଟସ୍ଥ FCC ର ଅଣକୁଶଳୀ କର୍ମୀ ମାଧବକୁ ନିକଟରେ ଥିବା ଲାଇନ ଏବି ସୁଇଚ ପାଖକୁ ଡାକିଲେ |



୨ ବନ୍ଧୁ ଏବଂ ମାଧବ ଛିଣ୍ଡି ଯାଇଥିବା ଲାଇନ ଏବି ସୁଇଚ ପାଖରେ ଏକାଠି ହେଲେ | ସେଠାରେ ମାଧବକୁ ଛାଡି ୨ ବନ୍ଧୁ ଲାଇନ ର ସର୍ବେକ୍ଷଣ ପାଇଁ ବାହାରିଗଲେ ଏବଂ ସେମାନେ ମଦନପୁର ଗ୍ରାମ ନିକଟରେ ତାର ଛିଣ୍ଡି ଥିବାର ଦେଖିବାକୁ ପାଇଲେ ଏବଂ ତାପରେ ସେମାନେ ମାଧବକୁ ଲାଇନ ଏବି ସୁଇଚ କୁ କାଟିବାକୁ କହିଲେ |



ମାଧବ ବିନା LC ଏବଂ ବୈଦ୍ୟୁତିକ ହ୍ୟାଣ୍ଡ ଗ୍ଲୋବଶ ବିନା ଲାଇନ ଏବି ସୁଇଚ କୁ କାଟିଦେଲା | ଲାଇନ ଏବି ସୁଇଚ କାଟିବା ସମୟରେ ତିନୋଟି ବ୍ଲେଡ କଟିବା ପରିବର୍ତେ ଦୁଇଟି ବ୍ଲେଡ କଟିଥିଲା ଯାହା ମାଧବ ଧ୍ୟାନରେ ଆସିନଥିଲା | ମାଧବ ଏବି ସୁଇଚ କଟିବା ପରେ ସବଳକୁ ମୋବାଇଲ ଫୋନ ଜରିଆରେ LC ନିଶ୍ଚିନ୍ତ କରିଥିଲା | LC ନିଶ୍ଚିନ୍ତ ପରେ ସବଳ ଦୁର୍ବଳକୁ କହିଲା କି ଖୁଣ୍ଟି ଉପରକୁ ଯାଇ ଛିଣ୍ଡି ଯାଇଥିବା ତାର କୁ ଯୋଡିବା ପାଇଁ କିନ୍ତୁ ଦୁର୍ବଳ ମନା କଲା ଏବଂ କହିଲା କି ସେ ଏକ ଅଣକୁଶଳୀ କର୍ମଚାରୀ ଅଟେ , ଏବଂ ଆମକୁ ସୁରକ୍ଷା ଟ୍ରେନିଂ ବେଳେ କୁହାଯାଇଥିଲା କି ଅଣକୁଶଳୀ କର୍ମଚାରୀ କେବେବି ଉପରେ କାମ କରିବ ନାହିଁ ବୋଲି ତେଣୁ ମୁଁ ଉପରକୁ ଯାଇ କାମ କରିବି ନାହିଁ ଆଉ ତାପରେ ଆମ ପାଖରେ ତ ନିଶୁଣି, ଡିସ୍ଚାର୍ଜ ରଡ଼, ନିଅନ ଟେଷ୍ଟର, ସେଫଟି ବେଲ୍ଟ ଏ ସବୁ ନାହିଁ ଆମେ କେମିତି କାମ କରିବା | ଏହା ଶୁଣି ସବଳ ଦୁର୍ବଳ କୁ କହିଲା ଆରେ ସାଙ୍ଗ ତୁ ତ ଆଗରୁ ଏମିତି କେତେ କାମ ଉପରେ ଚଢି କରିଛୁ ଆଉ ତାପରେ ଉପର ଅଧିକାରୀଙ୍କ କାମ ହିଁ ସେୟା ଖାଲି ଅଫିସରେ ବସିକି ଭାଷଣ ଦେବେ କାମ ତ ଆମେ କରୁଚେ ଲୋକଙ୍କ ଠୁ ମାଡ ଖାଉଛେ ଗାଳି ମଧ ଶୁଣୁଛେ କୋଉ ଉପର ଅଧିକାରୀ ତ ଆମ ପିଠିରେ ପଡୁନାହାନ୍ତି ତୁ ସେ ସବୁ ଛାଡେ ଯା ଉପରକୁ ଯାଇକି ତାର ଯୋଡ଼ିଦେ |



## କାହାଣୀରୁ ସୁରକ୍ଷା ଶିକ୍ଷା

# ମୋ  ସୁରକ୍ଷା ମୋ ହାତରେ



ଏହା ଶୁଣି ଦୁର୍ବଳ ଭାବିଲା "ଆରେ ସତେ ତ ଆଗରୁ ଆମେ ଏମିତି କେତେ କାମ ଜେ କରିଚେ ତା ଠିକଣା ନାଇଁ ସେତେବେଳେ ବି ତ ଆମେ କାମ କରୁଥିଲୁ ତାପରେ ବି ଏଠି ଏ ଗାଁ ଭିତରକୁ କୋଉ ବା ଅଫିସର ଆସିବେ କି" ଏହା ଭାବି ଦୁର୍ବଳ କହିଲା ହଉ ଭାଇ ତୁ ଏଠି ତଳେ  ଥା ମୁଁ ଉପରକୁ ଯାଇ ତାର ଟା ଯୋଡୁଛି | ଦୁର୍ବଳ ବିନା ନିଶୁଣି ଏବଂ ବେଲ୍ଟ ରେ ଉପରକୁ ଚଢିଲା | ଉପରକୁ ଚଢିବା ପରେ ସେ ଯେମିତି ତାର କୁ ଧରିଲା ତାକୁ ବହୁତ ଯୋରସେ ବିଦ୍ୟୁତ୍ ଆଘାତ ଲାଗିଲା ଏବଂ ସେ ତଳେ ପଡିଗଲା |



ସବଳ ଏହା ଦେଖି ଉପର ଅଧିକାରୀଙ୍କୁ ଫୋନ କରି ଘଟଣା ବିଷୟରେ ଜଣେଇଲା ଏହା ଶୁଣି ଉପର ଅଧିକାରୀ ତୁରନ୍ତ ଅଫିସ ଗାଡି ସାହାଯ୍ୟରେ ଦୁର୍ବଳକୁ ନିକଟରେ ଥିବା ପ୍ରାଥମିକ ଚିକିସ୍ଥାଳୟକୁ ନେଇଗଲେ | ସେଠାରେ ଡାକ୍ତର ସମସ୍ତଙ୍କୁ ଜଣାଇଲେ କି ଦୁର୍ବଳର ଗୋଟେ ଗୋଡ ଭାଙ୍ଗି ଯାଇଛି ଏବଂ ବିଦ୍ୟୁତ ଆଘାତ ହେତୁ ତାଙ୍କର ଗୋଟେ ହାତ କାଟିବାକୁ ପଡୁଛି | ଏହା ଶୁଣି ଦୁର୍ବଳର ପରିବାର ପୁରା ଭାଙ୍ଗି ପଡିଲେ |






**କିଛିଦିନ ପରେ .........**

ଦୁର୍ବଳର ମାର ସ୍ୱାସ୍ଥ୍ୟ ବହୁତ ଖରାପ ହବାକୁ ଲାଗିଲା କିନ୍ତୁ ଘରର ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ଔଷଧ କିଣିପାରିଲେ ନାହିଁ | ଧୀରେ ଧୀରେ ତାର ପୁଅ ଆଉ ସ୍କୁଲ  ଗଲାନାହିଁ | ଘରର ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ତାର ସ୍ତ୍ରୀ ପର ଘରେ କାମ କରି ନିଜ ପରିବାରର ଭରଣା ପୋଷଣ କରିବାକୁଲାଗିଲା  | ଦୁର୍ବଳର କାମ କରିବାର ସାମର୍ଥ୍ୟ ନ ଥିବାରୁ ସେ ଘରେ ବସି ତାର ସେ ଛୋଟ ଭୁଲପାଇଁ ଅନୁତାପ କଲା |

# କାହାଣୀରୁ ସୁରକ୍ଷା ଶିକ୍ଷା

## ଅବହେଳାର ପରିଣାମ

ଲେଖକ : ନୀଲାଦ୍ରୀ ପ୍ରସାଦ ମହାପାତ୍ର



ପପୁ ଏବଂ ଦିଲୀପ ର ଘର ଶୁଭଦ୍ରାପୁର ଗ୍ରାମରେ । ସେମାନେ ଦୁଇ ଜଣ ଘନିଷ୍ଠ ବନ୍ଧୁ । ସେମାଙ୍କର ବୟସ ପ୍ରାୟ ୨୫ ବର୍ଷ ହେବ । ପ୍ରାୟ ଛଅ ମାସ ତଳେ ଦୁଇ ଜଣଙ୍କର ଚାକିରୀ ବିଦ୍ୟୁତ ବିଭାଗରେ ହୋଇଗଲା ।ସେଥିପାଇଁ ଦୁଇଜଣ ଭାରି ଖୁସିରେ ରହୁଥିଲେ । ଦିଲୀପ ହେଲ୍ପର ଭାବେ ଏବଂ ପପୁ ଲାଇନମ୍ୟାନ ଭାବେ କାର୍ଯ୍ୟରତ ଥିଲେ । ପପୁର ବାହାଘର ଠିକ ହୋଇଯାଇଥାଏ କିନ୍ତୁ ନିର୍ବନ୍ଧ ହେବା ବାକି ଥାଏ ।






ଦିନକର ଘଟଣା ପପୁ ଏବଂ ଦିଲୀପ ଏକ ଥ୍ରୀ ଫେଜ୍ ଲାଇନ୍ କନେକ୍ସନ ଦେବା ପାଇଁ ଯାଇଥାନ୍ତି । ପପୁ ଦିଲୀପ କୁ କହିଲା ତୁ ଡିସଟ୍ରିବୁସନ ଟ୍ରାନ୍ସଫର୍ମର ର ଏମସିସିବି ଟ୍ରିପ କରିକି ଆଉଟ ଗୋଇଙ୍ଗ ରେ କ୍ରୋକୋଡ଼ାଇଲ କ୍ଲାମ୍ପ ସରଟିଙ୍ଗ କର । ହେଲେ ଦିଲୀପ କହିଲା ମୁଁ ତ ହେଲ୍ପର ମୁଁ କେମିତି କରିବି । ଆଉ ଆମ ସେଫଟି ସାର୍ କହିଥିଲେ " ଯିଏ ଯେଉଁ କାମ ପାଇଁ ଅଥୋରାଇଜଡ଼ ସିଏ ସେ କାମ କରିବା ଉଚିତ ।ପପୁ ଦିଲୀପ କଥାକୁ କାଟିକି କହିଲା ଆରେ ମୁଁ ପରା ତୋ ଭାବି ଭାଉଜ ସାଙ୍ଗରେ ଫୋନ ରେ କଥା ହଉଚି । ତୁ ଟିକେ କରିଦେ ଆଉ ତା ପରେବି ତୁ କାମ ନ କଲେ ଶିଖିବୁ କଣ ।



ଦିଲୀପ କିନ୍ତୁ ତା କଥାରେ ଅଟଳ ଯେ ସେ କାମ ଜାଣିନାହିଁ ଆଉ ସେ କାମ କରିବା ନାହିଁ ଯେହେତୁ ସେ ଜଣେ ହେଲ୍ପର ଏବଂ ତା ପାଖରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ମଧ ନାହିଁ । ଏତିକିରେ ପପୁ ଦିଲୀପ ଉପରେ ରାଗିଗଲା ଆଉ କହିଲା କି ସାଙ୍ଗରେ ତୁ ତୋ ଭାଉଜ ସାଙ୍ଗରେ ଭଲ ଭାବରେ କଥା ହବାକୁ ଟିକେ ଦଉନୁ । ଏହା କହି ପପୁ ଏଲଟି ଡ଼ିବି ପାଖକୁ ଏମ ସି ସି ବି ପକେଇବା ପାଇଁ ଆଗେଇ ଆସିଲା ।

ଦିଲୀପ ତାକୁ ଅଟକେଇଲା ଆଉ କହିଲା ସେଫଟି ସାର ଆମକୁ ବୁଝେଇଥିଲେ ପରା ଏଲଟି ଡିବି ରେ କାମ କଲା ବେଳେ ଏଫଆର ଜ୍ୟାକେଟ, ଫେସ ସୀଲଡ, ରବର ହାଣ୍ଡ ଗ୍ଲୋବସ, ସେଫଟି ଜୋତା ଇତ୍ୟାଦି ପିନ୍ଧିଥିବା ଦରକାର । ହେଲେ ପପୁ ତୁ ତ ଏସବୁ ପିନ୍ଧିନୁ । ପପୁ କହିଲା ଏସବୁ ଫାଲତୁ କଥା ମୋ ପାଖରେ ଅଛିଯେ ହେଲେ ସବୁ ପିନ୍ଧିବାକୁ ସମୟ ନାହିଁ । ଏ ସାମାନ୍ୟ କାମ ପାଇଁ ଏତେ ଫାର୍ସ କଣ । ତୁ ସାମ୍ନାରୁ ଉଠ୍ ଆଉ ମୋତେ ମୋ କାମ କରିବାକୁ ଦେ ।

ଦିଲୀପ କଥାକୁ ଖାତିରି ନ କରି ପପୁ ଏମସିସିବି ଟ୍ରିପ କଲା ଆଉ ଯେତେବେଳେ ସେ ସଟିଙ୍ଗ କରିବାକୁ ଯାଉଥିଲା ସେତେବେଳେ କିଛି ଗୋଟେ କାରଣରୁ ଇନକମିଙ୍ଗରେ ସର୍ଟ ସର୍କିଟ ହୋଇ ବହୁତ ଜୋରରେ ଶବ୍ଦ ହେଲା ଏବଂ ନିଆଁ ବାହାରିଲା । ଦିଲୀପ ଦେଖିଲା ବେଳକୁ ପପୁ ତଳେ ପଡି କଷ୍ଟରେ ରେ ଚିତ୍କାର କରୁଛି ।




ଦିଲୀପ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡାକି ପପୁ କୁ ହସ୍ପିଟାଲ ନେଇଗଲା । ଡ଼ାକ୍ତର ପପୁ କୁ ଚିକିତ୍ସା କଲେ ଆଉ ୫ ଦିନ ପରେ ପପୁ ହସ୍ପିଟାଲ ରୁ ଡ଼ିସ୍ଚାର୍ଜ ହେଲା। କିନ୍ତୁ ଡାକ୍ତର ପପୁ ର ପରିବାର ଲୋକଙ୍କୁ କହିଲେ ପପୁକୁ ସମ୍ପୂର୍ଣ ଭାବେ ଭଲ ହେବ ପାଇଁ ୨ ମାସ ସମୟ ଲାଗିବ ଆଉ ମୁହଁ ରେ ଦାଗ ସବୁଦିନ ପାଇଁ ରହିବ। ସବୁଠୁ ଦୁଃଖର କଥା ହେଲା ସେ ଆଉ ଗୋଟିଏ ଆଖିରୁ ଦେଖିପାରିବେନି ।ପପୁ ର ପରିବାର ଉପରେ ଯେମିତ ଗୋଟିଏ ପରେ ଗୋଟିଏ ଦୁଃଖର ପାହାଡ଼ ଭାଙ୍ଗି ପଡୁଥାଏ ।



ପପୁ ର ଠିକ ହୋଇଥିବା ବାହାଘର ବି ଭାଙ୍ଗିଗଲା । ପପୁକୁ ସେ ଝିଅ ବି ଫୋନ କରିବା ବନ୍ଦ କରିଦେଲା । ଏବେ ପପୁ ଘରୁ ବାହାରିବା ମଧ ବନ୍ଦ କରିଦେଲା । ଦିନେ ଦିଲୀପ ପପୁ ଘରକୁ ଆସିଲା ଆଉ ପପୁ କୁ କହିଲା ଛକକୁ ବୁଲିବାକୁ ଯିବା । ଏହା ଶୁଣି ପପୁ ଦିଲୀପକୁ ଧରି ଜୋରରେ କାନ୍ଦି ଉଠିଲା ଆଉ କହିଲା ତୁ ଠିକ୍ କହୁଥିଲୁ ରେ ସାଙ୍ଗ ସେଦିନ ତୋ କଥା ମାନିଥିଲେ ଆଜି ମୋତେ ଏ ଦିନ ଦେଖିବାକୁ ପଡ଼ିନଥାନ୍ତା । ଦିଲୀପ କହିଲା ଆରେ ମୋ କଥା ନୁହେଁ ତୁ ଯଦି ସମସ୍ତ ସେଫଟି ନିୟମ ଏବଂ କାମ କଲାବେଳେ ସତର୍କ ରହିଥାନ୍ତୁ ତୋର ଗୋଟେ ଛୋଟ ଖଣ୍ଡିଆଟିଏ ବି ହେଇନଥାନ୍ତା ।

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

ଲେଖକ : ପ୍ରମୋଦ କୁମାର ବେହେରା

# ଭୁଲ୍ କାହାର - ଏକ ପ୍ରଶ୍ନବାଚୀ





ମାଲକାନଗିରି ଜିଲ୍ଲାର ବାଙ୍କିଗୁଡା ଗାଁ । ଗାଁ ର ପ୍ରାୟ ଲୋକ କୃଷିଜୀବିକା ଉପରେ ନିର୍ଭରଶୀଳ । ସେହି ଗାଁ ର ସୁର ଭାଇ ବେସ୍ ଜଣାଶୁଣା ପିଲା। ପାଠପଢ଼ାରେ ଟିକେ ଦୁର୍ବଳତା ଥାଇ ମଧ ବାପା ମାଙ୍କ ଚେଷ୍ଟାରେ ସୁର ଭାଇ ITI ପାସ୍ କରିଥିଲା। ପଡିଶା ଘରର ସାହୁ ବାବୁ ରାଜ୍ୟ ବିଦ୍ୟୁତ ବିଭାଗରେ ଜଣେ ସ୍ଥାୟୀ ଲାଇନ୍ ମ୍ୟାନ କର୍ମଚାରୀ । ଆଉ ସାହୁ ବାବୁଙ୍କର ସହଯୋଗରେ ସୁର ଭାଇ ମଧ ବିଦ୍ୟୁତ  ବିଭାଗ ର ସେହି ଗାଁ ପାଖରେ ଥିବା ଏକ ଫ୍ୟୁଜ କଲ୍ ସେଣ୍ଟର ରେ  ଅସ୍ଥାୟୀ କର୍ମଚାରୀ ରୁପେ ନିଯୁକ୍ତି ପାଇଥିଲା ।



ଦୀର୍ଘ 4ବର୍ଷର କାର୍ଯ୍ୟ ଦକ୍ଷତା ହାସଲ କରିସାରିବା ପରେ ସୁର ଭାଇ ବିଦ୍ୟୁତ ସମ୍ବନ୍ଧିତ କାର୍ଯ୍ୟରେ ବେସ୍ ପାରଙ୍ଗମତା ହାସଲ କରିଥିଲା ସତ, ହେଲେ କାର୍ଯ୍ୟରେ ସୁରକ୍ଷା ନିୟମ ମାନି କାର୍ଯ୍ୟ କରିବା  ପାଇଁ କୁଣ୍ଠାବୋଧ କରୁଥିଲା। ସୁରକ୍ଷା କର୍ମଚାରୀମାନଙ୍କ ପ୍ରଶିକ୍ଷଣ ଅଥବା ସୁରକ୍ଷାନିୟମ ର ନିର୍ଦ୍ଦେଶାବଳୀ କୁ ଅବମାନନା କରିବା ସତେ ଯେମିତି ସୁର ଭାଇ ଅଭ୍ୟାସରେ ପରିଣତ ହୋଇସାରିଥିଲା। ସେ ଭୁଲି ଯାଇଥିଲା ଯେ ସବୁ ଦିନ ସମାନ ଯାଇନାହିଁ । ଆଉ ତାର ଏଇ ସୁରକ୍ଷାନିୟମ କୁ ଅବମାନନା କରି କାର୍ଯ୍ୟ କରିବା,ତାର ଭବିଷ୍ୟତ ଜୀବନ ଉପରେ କଣ ପ୍ରଭାବ ପକାଇବ ।



ସେଦିନ ଥିଲା ମେ ମାସର ୮ ତାରିଖ । ପାଖ ଗାଁ ର ଜଣେ ବ୍ୟକ୍ତି ସାହୁ ବାବୁଙ୍କୁ ଫୋନ୍ କରି କହିଲେ ଯେ ତାଙ୍କ ଜମିର ଜଳସେଚନ ପ୍ରକଳ୍ପରେ ଆବଶ୍ୟକ ପାଣି ପମ୍ପ୍ କୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି ଆଉ ପମ୍ପଟି ଅଚଳାବସ୍ଥାରେ ଅଛି । ଯାହାଦ୍ବାରା ଜଳସେଚନ ହେଇ ପାରୁ ନାହିଁ । ସାହୁ ବାବୁ ଅନ୍ୟ ଏକ ଜରୁରୀ କାମରେ ବ୍ୟସ୍ତ ଥିବାରୁ ସଙ୍ଗେ ସଙ୍ଗେ ସୁର ଭାଇ ଙ୍କୁ ଫୋନ୍ ମାଧ୍ୟମରେ କହିଲେ ଯେ ସେ ଗାଁ କୁ ଯାଇ ଟିକେ ଦେଖିବାକୁ କୋଉଠି କଣ ଅସୁବିଧା ହେଇଛି । ମୁଁ ସେହି ହିସାବରେ ଉପଯୁକ୍ତ କର୍ମଚାରୀଙ୍କ ଟିମ୍ ପଠାଇବି।



ସାହୁ ବାବୁଙ୍କର ନିର୍ଦ୍ଦେଶାନୁସାରେ ସୁର ଭାଇ ମଧ ତୁରନ୍ତ ସେ ଗାଁ ଅଭିମୁଖେ ଗଲା ଆଉ ସେହିଠାରେ ପହଞ୍ଚି ଜାଣିପାରିଲା ଯେ ଜଳସେଚନ ବ୍ୟବସ୍ଥା ପାଇଁ ନିୟୋଜିତ ଟ୍ରାନ୍ସଫରମର୍ ର ଫ୍ୟୁଜ ବିଚ୍ଛିନ୍ନ ଅଛି । ଫ୍ୟୁଜଟି ୧୧ କେଭି ଏଚଟି ଲାଇନ୍ ର ଆଉ ସିଏ ଏଚଟି ଲାଇନ୍ କାମ କରିବା ପାଇଁ ଉପଯୁକ୍ତ କର୍ମଚାରୀ ନୁହଁ ଜାଣି ମଧ ଗାଁ ଲୋକଙ୍କ ଅନୁରୋଧ କ୍ରମେ  ସିଏ ନିଜେ ଫ୍ୟୁଜ ଲଗାଇବା ପାଇଁ ସ୍ଥିର କଲା । ଆଉ ସାହୁ ବାବୁ କି ଅନ୍ୟ କୋଉ ଉପରସ୍ଥ ଅଧିକାରୀଙ୍କୁ ନ ଜଣାଇ ସେହି ଲାଇନ୍ ଫିଡର ଏବି ସୁଇଚ୍ ର ସଂଯୋଗ ବିଚ୍ଛିନ୍ନ କଲା । ଯେହେତୁ ସୁର ଭାଇ ସୁରକ୍ଷା ଉପକରଣ ଗୁଡିକୁ ସାଙ୍ଗରେ ଧରି ନଥିଲା,  ସେ ବିଦ୍ୟୁତ ର ପ୍ରବାହକୁ ଯାଞ୍ଚ କରିନଥିଲା କିମ୍ବା ସୁରକ୍ଷା ଜୋନ ପ୍ରସ୍ତୁତ କରି ନଥିଲା । ଆଉ ବିନା ସୁରକ୍ଷା ବେଲ୍ଟ ରେ ଉପରକୁ ଚଢିବା ଆରମ୍ଭ କରିଥିଲା ଫ୍ୟୁଜ ଲଗାଇବା ପାଇଁ ।

ସୁର ଭାଇ ପୋଲ୍ ଚଢିବାର  କିଛି ମୁହୂର୍ତ୍ତ ପରେ ପାଖରେ ଉପସ୍ଥିତ ଥିବା  ଗାଁ ଲୋକ ଜାଣି ପାରିଲେ ଯେ ବିଦ୍ୟୁତ ଆଘାତରେ ସୁର ଭାଇ ପାଖାପାଖି ପାଞ୍ଚ  ମିଟର ଉଚ୍ଚତା ରୁ ଖସି ତଳେ ପଡି ଯାଇଛି ।



## କାହାଣୀରୁ ସୁରକ୍ଷା ଶିକ୍ଷା


# ଭୂଲ୍ କାହାର - ଏକ ପ୍ରଶ୍ନବାଚୀ



ବିଦ୍ୟୁତ ଆଘାତ ରେ ସୁର ଭାଇ ବେହୋଶ ହେଇଯାଇଥିଲା ଆଉ ଗାଁ ଲୋକେ ତାର ଚିକିତ୍ସା ପାଇଁ ନିକଟସ୍ଥ ସରକାରୀ ଡାକ୍ତରଖାନା ରେ ଭର୍ତ୍ତି କରିଦେଇଥିଲେ । ସୁର ଭାଇ ଦୀର୍ଘ ୪ ମାସ କାଳ ଡାକ୍ତରଖାନା ରେ ଚିକିତ୍ସିତ ହେଲା ପରେ ଆଉ ଡାକ୍ତରଙ୍କ ପରାମର୍ଶ କ୍ରମେ ୨ ମାସ ଘରେ ରହି ସୁସ୍ଥ ବିଶ୍ରାମ କଲେ।



ଦୀର୍ଘ ୬ ମାସର ବ୍ୟବଧାନ ପରେ ସୁର ଭାଇ ପୁଣି ଥରେ ନିଜ କାର୍ଯ୍ୟକ୍ଷେତ୍ର ରେ ଯୋଗ ଦେଇଛନ୍ତି । ଅନ୍ୟ ସହକର୍ମୀ ମାନେ ଆସି ସୁର ଭାଇ ପାଖରେ କିଛି ସମୟ କଥା ହୁଅନ୍ତି । କିଛି ସହକର୍ମୀ ସାନ୍ତ୍ବନାମୂଳକ କଥାରେ କହି ଦିଅନ୍ତି- ଭୂଲ୍ ତ ସେ ଗାଁ ଲୋକଙ୍କର , ଯେଉଁମାନେ ନିଜ ବୈଦୁତିକ ଜନିତ ସମସ୍ୟାକୁ ୧୯୧୨ ରେ କଲ୍ ନକରି ନିଜ ଅଭିଯୋଗକୁ ଅନଲାଇନ ରେଜିଷ୍ଟର କରନ୍ତି ନାହିଁ ।




ଆଉ କିଛି ଲୋକ କହନ୍ତି ଭୂଲ୍ ତ ସେ ସାହୁ ବାବୁଙ୍କର ଯିଏ ସୁର ଭାଇକୁ ସେ କାମ କରିବାକୁ ପଠାଇଲେ। ଆଉ କିଛି ଲୋକ ସରକାରଙ୍କ ନିୟମ ଉପରକୁ ମଧ ଆଙ୍ଗୁଠି ଉଠେଇ ସୁର ଭାଇକୁ ସାନ୍ତ୍ବନା ଦେଉଥିଲେ । ସୁର ଭାଇ ସମସ୍ତ ସହକର୍ମୀଙ୍କ କଥା ଚୁପ୍ ଚାପ୍ ଶୁଣେ ହେଲେ କାହାକୁ କିଛି କୁହେନାହିଁ ।

ଏମିତି କିଛିଦିନ ବିତିଗଲା। ଆଉ ଏବେ ସୁର ଭାଇ ନିଜେ ସୁରକ୍ଷାର ନିୟମ ଗୁଡିକୁ ମାନି କାର୍ଯ୍ୟ କରିବା ଆରମ୍ଭ କରିସାରିଛି । ଆଉ ଅନ୍ୟ ସହକର୍ମୀ ମାନଙ୍କୁ ମଧ ସୁରକ୍ଷାର ନିୟମ ଗୁଡିକୁ ମାନି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛି । ସୁର ଭାଇ ଏବେ ଗାଁ ଲୋକଙ୍କୁ ଦେଖିଲେ ସଚେତନ କରନ୍ତି, ଆଉ ସମସ୍ତଙ୍କୁ ଜଣାଉଛନ୍ତି ଯେ ବୈଦୁତିକ ଜନିତ ସମସ୍ୟା ୧୯୧୨ ନମ୍ବର ରେ କଲ୍ କରି ନିଜ ଅଭିଯୋଗକୁ ରେଜିଷ୍ଟର କରିବା ପାଇଁ ।

୪ ମାସ ଚିକିତ୍ସା ଆଉ ୨ ମାସ ଘର ବିଶ୍ରାମ ରେ ରହି ଭୁକ୍ତଭୋଗୀ ସୁର ଭାଇ ଜାଣି ସାରିଥିଲା ଯେ କାହାର ଭୂଲ୍ ପାଇଁ ସେଦିନ ଦୁର୍ଘଟଣା ହେଇଥିଲା ।

**ଆଉ ଆପଣ ମାନେ କଣ ଭାବୁଛନ୍ତି !!! ଭୂଲ୍ କାହାର ଥିଲା ?**

**ଆପଣଙ୍କ ଉତ୍ତର ଅପେକ୍ଷାରେ ...✍**



**TPSODL**

**TP SOUTHERN ODISHA DISTRIBUTION LIMITED**

(A Tata Power and Odisha Government Joint Venture)

## Safety Poem




**ଶ୍ରୀ. କ୍ଷୀରୋଦ କୁମାର ସେଠୀ**

**ଦୁର୍ନୀତି ନିବାରଣ ଶାଖା, ସିଟି ସର୍କଲ**


### ଜିଇଁବା ସୁସ୍ଥ ଜୀବନ

ବିଦ୍ୟୁତ ବିଭାଗେ "ନିରାପତ୍ତା" ଅଟେପ୍ରମୁଖ ଅଂଶ ଆମର
"ନିରାପତ୍ତା" ଭଳି ଚାରୋଟି ଅକ୍ଷରଉଜାଡି ଦେଉଛି ଘର !!

କରେଣ୍ଟ ଜାଣେନା ଧନୀ କି ଗରିବଜାଣେନା ଛୋଟ କି ବଡ
କ୍ଷଣକ ଭିତରେ କରିଦେଇ ଥାଏସବୁକିଛି ଗଡ଼ବଡ !!

କର୍ମକ୍ଷେତ୍ର ଅବା ରାସ୍ତା-ଘାଟ, ଘରେସୁରକ୍ଷାରେ ଦେବା ଧ୍ୟାନ
ନୋହିଲେ ଅକାଳେ ଜୀବନ ଝଡ଼ିବସଂସାରୁ ହୋଇବା ଲୀନ !!

ନିରାପତ୍ତାକୁ ଯେ ଅଣଦେଖା କରିକରଇ ବିଦ୍ୟୁତ କାର୍ଯ୍ୟ
ଅକର୍ମଣ୍ୟ ଅବା ମୃତ୍ୟୁରେ ପଡିବାଅଟେ ତାଙ୍କ ପାଇଁ ଧାର୍ଯ୍ୟ !!

ସୁରକ୍ଷାକୁ ଆମ୍ଭେ ବେଖାତିର କରିକାହିଁକି କରିବା କାର୍ଯ୍ୟ
ପିଲା ଛୁଆ ପତ୍ନୀ ଲଢେଇ କରିବେପାଇବାକୁ ତାଙ୍କ ନାର୍ଯ୍ୟ !!

ଦେବଦୂତ ତଥା ସୁରକ୍ଷା କବଚସାଜିଛି ଟାଟା ପାୱାର
ସରଞ୍ଜାମ ଆଉ ପ୍ରଶିକ୍ଷଣ ଦେଇହୋଇଛି ଅତି ନିଜର !!

ବର୍ତ୍ତମାନ ଆଉ ଅତୀତ ଫାଇଲିକହୁଛି ଅନେକ କଥା
ଦୁର୍ଘଟଣା ହାର ହ୍ରାସ ପାଇଅଛିଟାଟାର ସଫଳ ବାର୍ତ୍ତା !!

ଜୀବନ ରକ୍ଷାର ସାଆତ ନିୟମକରିବା ଆମ୍ଭେ ପାଳନ
ଦୁର୍ଘଟଣା ଶୂନ୍ୟ ସ୍ଲୋଗାନ ଆମ୍ଭରଜିଇଁବା ସୁସ୍ଥ ଜୀବନ !!

**ସର୍ବଦା ସୁରକ୍ଷା ସାମଗ୍ରୀ ବ୍ୟବହାର କରନ୍ତୁ !**

### ବିଦ୍ୟୁତ ସୁରକ୍ଷା ଜୀବନ ରକ୍ଷା

ସୁରକ୍ଷା ଉପରେ କହୁଛି ଦିପଦଶୁଣ ଭାଇ ମନଦେଇ
ସୁରକ୍ଷା ନାମକ ମନ୍ତର ଜାଣିଲେଦୁର୍ଘଟଣା ହେବ ନାହିଁ !!

ଜୀବନ ରକ୍ଷାର ସାଆତ ନିୟମପାଳନ କରିବା ଆମେ
ଦୁର୍ଘଟଣା ଆମ ପାଖ ନମାଡିବକ୍ଷତି ଶୂନ ହେବା ସର୍ବେ !!

ପ୍ରଥମ ସୋପାନେ ଉପଯୁକ୍ତ ବ୍ୟକ୍ତିଉପଯୁକ୍ତ କାର୍ଯ୍ୟ ପାଇଁ
ବିନା ପ୍ରଶିକ୍ଷଣେ ଅଜ୍ଞାନୀ ବ୍ୟକ୍ତିକୁଭରସା କରିବା ନାହିଁ !!

ଦ୍ୱିତୀୟ ସୋପାନେ ଏଲ୍ସି ନେବା ଆମେପିଏସସିଙ୍କ ଜରିଆରେ
ବିନା କ୍ଲିଅରାନସେ ଇଞ୍ଚେ ହଲିବାନିବିଳମ୍ବ ହେଉ କାର୍ଯ୍ୟରେ !!

ତୃତୀୟ ସୋପାନେ ପ୍ରସ୍ତୁତ କରିବାସେଫଟି ଯୋଅନ ଆମର
ଡିସଚାର୍ଜ ରଡ଼ ଆର୍ଥିଙ୍ଗ ସହିତପରଖିବା ସବୁ ସ୍ତର !!

ଚତୁର୍ଥ ସୋପାନେ ପ୍ରସ୍ତୁତ କରିବାଫୁଲ ବଡ଼ି ହାରନେସ
ଉପଯୁକ୍ତ ଶିଢ଼ି ନଥିଲେ ସେଠାରେତଳେ ପଡି ଯିବ ସେନ୍ସ !!

ପଞ୍ଚମ ସୋପାନେ ଦରକାର ଅଟେସୁପରଭାଇଜରର
କାର୍ଯ୍ୟ ତଦାରଖ କରିବେ ସେଠାରେରହିବନି ଆଉ ଡର !!

ଷଷ୍ଠ ସୋପାନରେ ଧ୍ୟାନ ଦେବା ଆମେବ୍ୟକ୍ତିଗତ ସୁରକ୍ଷାରେ
ହେଲେମେଟ,ଜୋତା,ଗ୍ଲୋଅବ୍ସ ପିନ୍ଧିବାରହିବା ନିରାପଦରେ !!

ସପ୍ତମ ସୋପାନେ ନିର୍ଦ୍ଦେଶ ରହିଛିସୁପରଭାଇଜରଙ୍କୁ
ଦୁର୍ଘଟଣା ହେଲେ ଜଣାଇବେ ସେଠୁଉଚ୍ଚ ପଦାଧିକାରୀଙ୍କୁ !!


ଚାପଗ୍ରସ୍ତ ଅବା ବ୍ୟକ୍ତିଗତ ରୋଷକରିଥାଏ ବାଟବଣା
ଅଦୃଶ୍ୟ ସୁରକ୍ଷା ଆଣିଦେଇଥାଏଆକସ୍ମିକ ଦୁର୍ଘଟଣା !!





**ଇଂ ନିବେଦିତା ପଟ୍ଟନାୟକ**


**ସହକାରୀ ଯନ୍ତ୍ରୀ,ଦୁର୍ନୀତି ନିବାରଣ ଶାଖା,ସିଟି ସର୍କଲ**


# Safety Poster Gallery








# Safety Poster Gallery



# Safety Poster Gallery




TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)


## ***Safety Puzzle***

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| N | G | I | S | R | N | S | E | V | O | L | G | H | L |
| I | S | O | L | A | T | E | R | E | S | K | T | Y | L |
| Y | E | X | H | S | F | M | E | E | D | N | E | B | A |
| R | C | X | L | H | P | A | A | M | N | E | N | Y | D |
| E | I | N | T | I | E | R | L | R | L | I | I | C | D |
| S | P | S | E | I | S | L | I | L | S | E | A | L | E |
| P | I | E | O | G | N | L | M | N | E | H | S | R | R |
| O | L | T | R | M | R | G | I | E | K | A | A | D | T |
| N | S | H | A | E | L | E | U | R | T | L | A | L | C |
| D | M | S | O | K | Y | A | M | I | C | E | E | U | L |
| E | K | P | O | S | T | U | R | E | S | L | E | R | M |
| R | E | G | I | T | E | E | E | R | O | H | A | M | M |
| L | O | Y | L | B | M | E | S | S | A | L | E | I | R |
| L | T | U | T | R | O | P | E | R | H | A | B | R | M |

ISOLATE
HOSE
HELMET
EXTINGUISHER
TRAINER
SLIP
CLAIM
RESPONDER
SPRINKLER
MARSHALL
LADDER
GLOVES
POSTURE
REPORT
MASK
ASSEMBLY
BEND
SIGN
FALL
EMERGENCY

**Let's find the word given right side from puzzle.**
**The winner will be awarded with exciting prizes.**
**Please send your answer to tpsodl.safety@tpsouthernodisha.com**

## *Safety Sudoku*




**Please choose the correct answer from the below red dotted box to complete the sequence as followed by safety standards.**



TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

## *Game of Life*

**୭** ଜୀବନ ରକ୍ଷା ନିୟମ

କର୍ମକ୍ଷେତ୍ର ନିୟମ ଯାହା ଆପଣଙ୍କ ଜୀବନ ରକ୍ଷା କରିବ



**ପ୍ରତ୍ୟେକ କାର୍ଯ୍ୟ ପାଇଁ ଉପଯୁକ୍ତ ବ୍ୟକ୍ତି**
(ଯେ ପର୍ଯ୍ୟନ୍ତ ଆପଣ କୌଣସି କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ସେ କାର୍ଯ୍ୟ କରନ୍ତୁ ନାହିଁ)





**ଯେଉଁ ପର୍ଯ୍ୟନ୍ତ ସେଫଟି ଜୋନ ପ୍ରସ୍ତୁତ ହୋଇନାହିଁ ସେ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ**
(କାର୍ଯ୍ୟ ପୂର୍ବରୁ ସକାରାତ୍ମକ ବିଚ୍ଛିନ୍ନତା ନିଶ୍ଚିତ କରନ୍ତୁ , ବିଦ୍ୟୁତ ଲାଇନ୍ କୁ ସ୍ପର୍ଶ କରିବା ପୂର୍ବରୁ ପରୀକ୍ଷା କରନ୍ତୁ , ଡିସଚାର୍ଜ ରଡ୍ ବ୍ୟବହାର କରି ଏକ କାର୍ଯ୍ୟକାରୀ ୱାର୍କିଂ ଆର୍ଥ ପଏଣ୍ଟ ସହିତ ସଂଯୋଗ କରନ୍ତୁ)



**ବିନା ସୁପରଭାଇଜର କିମ୍ବା ବିନା ତଦାରଖରେ କାମ କରିବା ନାହିଁ**
(ସୁପରଭାଇଜର ନିଶ୍ଚିତ ଭାବରେ ସୁରକ୍ଷା ନିର୍ଦ୍ଦେଶାବଳୀ ଅନୁସରଣ କରି ନିରାପଦ କାର୍ଯ୍ୟ ନିର୍ବାହ ନିଶ୍ଚିତ କରିବେ)




**କୌଣସି ଦୁର୍ଘଟଣା ଘଟିଲେ ତୁରନ୍ତ ନିଜର ଉଚ୍ଚପଦାଧିକାରୀଙ୍କୁ ଜଣାନ୍ତୁ**
(କୌଣସି ଦୁର୍ଘଟଣାର ପୁନରାବୃତ୍ତି ନହେବା ପାଇଁ ଏହା ସୁପରଭାଇଜର ଜଣାଇବାକୁ ହେବ)

**ଧ୍ୟାନ ଦିଅନ୍ତୁ:**
ଏହି ୭ ଜୀବନ ରକ୍ଷା ନିୟମ ମଧ୍ୟରୁ ଯୋଉ ତିନିଟି ନିୟମ ଲେଖା ଯାଇ ନାହିଁ ତାହା ଚିନ୍ତା କରି ଲେଖନ୍ତୁ ଏବଂ ଥରେ ଭାବି ଦେଖନ୍ତୁ ଯଦି ଉପରୋକ୍ତ ସମସ୍ତ ନିୟମଗୁଡ଼ିକରେ କୌଣସି ବ୍ୟତିକ୍ରମ ଦେଖା ଯାଏ ତେବେ କାର୍ଯ୍ୟକ୍ଷେତ୍ରରେ କାମ କରୁଥିଲା ବେଳେ ଆମ ଜୀବନ ସହ କଣ ଘଟି ପରେ । ତେଣୁ ଏହି ୭ ଜୀବନ ରକ୍ଷା ନିୟମ ସମସ୍ତ ଟିପିଏସଓଡିଏଲ ଏବଂ ବ୍ୟବସାୟ ସହଯୋଗୀ କର୍ମଚାରୀ , ସିଧାସଳଖ କିମ୍ବା ପରୋକ୍ଷ ଭାବରେ ଟିପିଏସଓଡିଏଲ କାର୍ଯ୍ୟକ୍ଷେତ୍ରରେ କାମ କରୁଥିଲା ବେଳେ ନିହାତି ପାଳନ କରିବେ |

# ଆମର ଲକ୍ଷ୍ୟ: ଦୁର୍ଘଟଣା ବିହୀନ ସୁରକ୍ଷିତ କାର୍ଯ୍ୟ ପରିବେଶ

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

## *Safety Pledge*



**I solemnly affirm that, I will rededicate myself to the cause of safety and do my best in observance of safety precautions, which will ensure prevention of accidents in the interest of my Family, my Organization, my Community and our Nation.**

**Jai Surakhsa...**

**ମୁଁ ସର୍ବଦା, ସର୍ବତ୍ର, ପ୍ରତ୍ୟେକ କାର୍ଯ୍ୟରେ, କାର୍ଯ୍ୟକ୍ଷେତ୍ରରେ, ରାସ୍ତାରେ ଅବା ଘରେ, ନିଜ ସହିତ ନିଜ ପରିବାରର, ସହକର୍ମୀ, ଜନସାଧାରଣ, ପର୍ଯ୍ୟାବରଣ ତଥା ଦେଶର କଲ୍ୟାଣ ନିମନ୍ତେ ସଦା ସୁରକ୍ଷା ଅବଲମ୍ବନ କରିବାକୁ ପ୍ରତିଜ୍ଞା ନେଉଛି ।**

**ଜୟ ସୁରକ୍ଷା...**

**TPSODL**

**TP SOUTHERN ODISHA DISTRIBUTION LIMITED**

(A Tata Power and Odisha Government Joint Venture)

# SURAKSHA PRAHARI

TPSODL




*available on both play store and ios

Google Play App Store

Please download "Suraksha Prahari" App to report unsafe condition / act.
This will help in minimizing the electrical accidents by taking timely corrective action.

ଅସୁରକ୍ଷିତ ଅବସ୍ଥା / କାର୍ଯ୍ୟ ରିପୋର୍ଟ କରିବାକୁ ଦୟାକରି "ସୁରକ୍ଷା ପ୍ରହରୀ" ଆପ୍ ଡାଉନଲୋଡ୍ କରନ୍ତୁ ।
ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବୈଦ୍ୟୁତିକ ଦୁର୍ଘଟଣାକୁ କମ୍ କରାଯାଇପାରିବ ।

For any query/ complain/suggestions, Please call to :1912/ 18003456797

# BE CAREFUL DURING THE RAIN

TPSODL

SAFETY ALERT

- Downed power lines are not safe to touch, nor to be near.
- Keep your children away from power sockets.
- Don't touch electrical appliances when you are barefoot or have wet hands.
- Don't ring the doorbell with wet hands.
- Do not stand near billboards, trees, electricity poles and transformers during rainy and windy weather.
- Stay clear of any electricity installations that are submerged in flood water. Take extra care of the elderly and children.
- Be aware of cable TV and internet wires as they can be dangerous during rain.

In case of any emergency related to TPSODL line please contact us on - 1912 / 1800-3456-797

**TP SOUTHERN ODISHA DISTRIBUTION LIMITED**
(A Tata Power and Odisha Government Joint Venture)

# Personal Protective Equipment (PPE) Matrix
## ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ (ପିପିଇ) ମାଟ୍ରିକ୍ସ

| Sr.No<br>କ୍ରମିକ ନଂ | Nature of Work<br>କାର୍ଯ୍ୟର ପ୍ରକୃତି | Electrical Safety Shoes<br>ବୈଦ୍ୟୁତିକ ସୁରକ୍ଷା ଜୋତା<br> | Safety Helmet<br>ସୁରକ୍ଷା ହେଲମେଟ<br> | Full Body Harness<br>ସୁରକ୍ଷା ବେଲ୍ଟ<br> | Electrical Gloves<br>ବୈଦ୍ୟୁତିକ ସୁରକ୍ଷା ଗ୍ଲୋଭସ୍<br> | Face Shield<br>ଫେଏସ ଶେଇଲଡ<br> | PU Coated Gloves<br>ସୁରକ୍ଷା ଗ୍ଲୋଭସ୍<br> | Reflective Jacket<br>ସୁରକ୍ଷା ଜ୍ୟାକେଟ୍<br> |
|---|---|---|---|---|---|---|---|---|
| 1 | General Field Work<br>ସାଧାରଣ କାର୍ଯ୍ୟ | (M) | (M) | | | | | (M) |
| 2 | Working on live Electrical System<br>ଲାଇଭ୍ ଇଲେକ୍ଟ୍ରିକାଲ୍ ସିଷ୍ଟମ ଜନିତ କାର୍ଯ୍ୟ | (M) | (M) | | (M) | | | (M) |
| 3 | Working at height (above 1.8 meters)<br>ଉଚ୍ଚତାରେ କାମ କରିବା (1.8 ମିଟରରୁ ଅଧିକ ) | (M) | (M) | (M) | | | | (M) |
| 4 | Working with power tools (Drilling/ Grinding etc.)<br>ପାୱାର ଟୁଲ ସହିତ କାର୍ଯ୍ୟ କରିବା (ଡ୍ରିଲିଂ / ଗ୍ରାଇଣ୍ଡିଂ ଇତ୍ୟାଦି) | (M) | (M) | | | (M) | (M) | (M) |
| 5 | Working at Vehicular Traffic<br>ଯାନବାହାନ ଚାଲାଚଲ ସ୍ଥାନ ଜନିତ କାର୍ଯ୍ୟ | (M) | (M) | | | | | (M) |
| 6 | Loading / Unloading of Materials<br>ସାମଗ୍ରୀ ଲୋଡିଂ / ଅନଲୋଡିଂ | (M) | (M) | | | | (M) | (M) |

**Mandatory PPE**
**ବାଧ୍ୟତାମୂଳକ ପିପିଇ**

*This PPE Matrix is indicative. However EIC may decide if additional PPEs required as per site conditions.

* ଏହି ପିପିଇ ମ୍ୟାଟ୍ରିକ୍ସ ସୂଚକ ଅଟେ | ତଥାପି ସାଇଟ୍ ପରିସ୍ଥିତି ଅନୁଯାୟୀ ଅତିରିକ୍ତ ପିପିଇ ଗୁଡିକ ଆବଶ୍ୟକ କି ନାହିଁ ଏହା ଇଆଇସି ନିଷ୍ପତ୍ତି ନେଇପାରେ |

**Optional PPE – as per Job Requirement**
**ଇଚ୍ଛାଧୀନ ପିପିଇ - କାର୍ଯ୍ୟ ଅନୁଯାୟୀ ଆବଶ୍ୟକତା**

# ଆପଣଙ୍କ ମତାମତ ଆପେକ୍ଷରେ

**Please scan QR Code to share your feedback and suggestions.**
**ଆପଣଙ୍କର ମତାମତ ଏବଂ ପରାମର୍ଶ ଦେବା ପାଇଁ ଦୟାକରି କଇର କୋଡ୍ ସ୍କାନ୍ କରନ୍ତୁ ।**

think safe. | work safe. | be safe.



ଧନ୍ୟବାଦ

TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

TPSODL

**TP SOUTHERN ODISHA DISTRIBUTION LIMITED**

(A Tata Power and Odisha Government Joint Venture)

